## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ସୋର,(ଜନ୍ମେଜୟ ମିଶ୍ର): ସୋର ଥାନା ୧୬ନଂ. ଜାତୀୟ ରାଜପଥ ଦହିସଡ଼ା ଛକ ନିକଟରେ ଶୁକ୍ରବାର ସକାଳେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସୋର ପୌରପାଳିକା ଅନ୍ତର୍ଗତ କମାଣପୁର ଗ୍ରାମର ସନାତନ ମଲିକ (୫୨)। ସେ ବାଲେଶ୍ୱର ସୋମନାଥପୁରରେ ଥିବା ଭାରତ ପେଟ୍ରୋଲିୟମ କର୍ପୋରେସନରେ କାର୍ଯ୍ୟରତ ଥିବା ବେଳେ ସକାଳେ ବାଇକ୍ ଯୋଗେ ସୋମନାଥପୁର ଯାଉଥିଲେ। ଏହି ସମୟରେ ଦହିସଡ଼ା ଛକ ନିକଟ ଡାଇଭରସନରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ୧୫ ଲକ୍ଷର ପୋଲ ଧୋଇଗଲା



- ଜାମୁଘାଟ ଅସ୍ଥାୟୀ ପୋଲ
- ଉଦଳା-ବାଲେଶ୍ୱର ଯୋଗାଯୋଗ ବାଧାପ୍ରାପ୍ତ

ଉଦଳା, ୨୧।୭ (ସନ୍ତୋଷ କୁମାର ବାଛିନୀ)

୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତିଆରି ହୋଇଥିବା ଅସ୍ଥାୟୀ ପୋଲ ୧୫ ମାସ ବି ଗଲାନି। ନଦୀରେ ଅଳ୍ପ ପାଣି ଆସିବାରୁ ପୋଲ ଧୋଇଗଲା। ଉଦଳା-ବାଲେଶ୍ୱର ରାଜ୍ୟ ରାଜପଥର କଇଁସାରୀଠାରେ ଥିବା ଜାମୁଘାଟ ଅସ୍ଥାୟୀ ପୋଲ ଗୁରୁବାର ବିଳମ୍ବିତ ରାତିରେ ସାମାନ୍ୟ ନଦୀ ପାଣିରେ ଧୋଇ ହୋଇଯାଇଛି। ଫଳରେ ଉଦଳା ଓ ବାଲେଶ୍ୱର ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି।

ପ୍ରକାଶ ଯେ, ଜାମୁଘାଟର ପୁରାତନ ପୋଲରେ ଫାଟ ସହ ଦବିଯିବା ପରେ ଗାଡ଼ି ଚଳାଚଳ ବନ୍ଦ କରାଯାଇଥିଲା। ବିପଦସଙ୍କୁଳ ବୋଲି ଲେଖାଯାଇ ଉକ୍ତ ପୋଲଠାରୁ ତଳେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା। ମାତ୍ର ସେହି ପୋଲ ନଦୀରେ ଅଳ୍ପ ପାଣି ଆସିଥିବା ବେଳେ ସେଥିରେ ଧୋଇ ହୋଇଯାଇଛି। ଯାହାଦ୍ୱାରା ପୂର୍ତ୍ତ ବିଭାଗ ଉନ୍ନୟନ କାମରେ ଜାଲିଆତି ଘଟଣା ପଦାକୁ ଆସିଛି ବୋଲି ଚର୍ଚ୍ଚା ହେଉଛି। ଏହି ଅସ୍ଥାୟୀ ପୋଲ ନିମନ୍ତେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ କେବଳ ମାଟି ଉପରେ ବଜୁରି ଗୁଣ୍ଡ ପକାଇ ରାସ୍ତା କରାଯାଇଥିଲା। ପୋଲଟି କଂକ୍ରିଟରେ ତିଆରି ହୋଇଥିଲେ ତାହା ଧୋଇ ହୋଇ ନ ଥାନ୍ତା। ନିମ୍ନମାନର କାମ କରାଯାଇ ପୋଲ କାମ ଆଳରେ ଟଙ୍କା ହଡ଼ପ କରାଯାଇଥିବା ସାଧାରଣରେ କୁହାଯାଉଛି। ମାତ୍ର ୩ ମାସ ମଧ୍ୟରେ ପୋଲ ଧୋଇଯିବା ବାବଦରେ ବିଭାଗୀୟ ଏସ୍‌ଡିଓ ଦାମୋଦର ପ୍ରଧାନ କହିଛନ୍ତି, ଉକ୍ତ ଅସ୍ଥାୟୀ ପୋଲଟି ଖରାଟିଆ ପୋଲ। ଏଣୁ ବର୍ଷା ସମୟରେ ତାହା ଧୋଇଗଲା ତ ଅସୁବିଧା କ'ଣ ହୋଇଗଲା।

# ନିର୍ମାଣର ୧୦ ଦିନରେ ଭାଙ୍ଗିଗଲା ଚେକ୍ ଡ୍ୟାମ



## ୧୦ ଲକ୍ଷ ପାଣିରେ ପଡ଼ିଲା

କଣ୍ଟିପାଳ,୨୧।୭ (ସୁଶାନ୍ତ କୁମାର ସାହୁ)

ମରୁଡ଼ି ସମସ୍ୟାକୁ ଦୂର ପାଇଁ ଚାଷ ଜମିରେ ଜଳ ସେଚନ ପାଇଁ ବିଭିନ୍ନ ସୁବିଧା କରାଯାଉଛି। କେଉଁଠି କେନାଲ ସାହାଯ୍ୟରେ ତ କେଉଁଠି ଲିଫ୍ଟ ପଏଣ୍ଟ କରି ଛୋଟ ଛୋଟ ନାଳରେ ଚେକ ଡ୍ୟାମ ମାଧ୍ୟମରେ ଜଳସେଚନ କରାଯାଉଛି। ମାତ୍ର ଅନେକ ସ୍ଥାନରେ ନିମ୍ନମାନର କାମ ଯୋଗୁ ସୁବିଧା ଚାଷୀ ପାଇପାରୁନାହାନ୍ତି। ଏଭଳି ଏକ ଅଭିଯୋଗ ଆସିଛି କେନ୍ଦୁଝର ଜିଲା କଣ୍ଟିପାଳ ପଞ୍ଚାୟତରୁ। ପଞ୍ଚାୟତ ଅନ୍ତର୍ଗତ ଅଁଳାପାଳ ଗ୍ରାମରେ ଚାଷ ଜମିକୁ ଜଳ ସେଚନ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟରେ ୧୦ ଦିନ ପୂର୍ବେ ଏକ ଚେକ୍ ଡ୍ୟାମ ନିର୍ମାଣ ହୋଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ଏହା ଭାଙ୍ଗିଯାଇଛି। ଏହାର ତଦନ୍ତ କରିବା ସହ ପୁନର୍ବାର ଉନ୍ନତମାନର କାମ କରିବା ପାଇଁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ ଜିତ ମୋହନ ଟୁଡୁ କହିଛନ୍ତି, ଏହା ଜିଓଟ୍ୟାଗ୍ ହୋଇନି କି ଏଠାରେ ଫଳକ ଲାଗିନି। ଏ ପର୍ଯ୍ୟନ୍ତ ଫାଇଲ ମଧ୍ୟ ହୋଇନାହିଁ। କାର୍ଯ୍ୟ କିପରି ହେଲା ସେ କହିପାରିବେ ନାହିଁ ବୋଲି କହିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ସିପୁନ



@ବିନ୍ଦୁପୁଷ୍ପା



@ଜଲି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ସଂକ୍ଷେପରେ

### ନୀଳଗିରି ବାଇପାସ୍‌ରୁ ଜବରଦଖଲ ଉଚ୍ଛେଦ



ନୀଳଗିରି,୨୧।୭(ପ୍ରଶାନ୍ତ ବିଶ୍ୱାଳ)- ବାଲେଶ୍ୱର ଜିଲା ନୀଳଗିରି ଦେଇ ଯାଇଥିବା ଶେରଗଡ଼ -ନୀଳଗିରି ଓ ଝରଣାଘାଟୀ ୧୯ନଂ. ରାଜ୍ୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ୧୨୫ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ଦାୟିତ୍ୱରେ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୀଳଗିରି ବାଇପାସ୍ ପିଚୁ ରାସ୍ତାର (ତଳ ସଡ଼କ) ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱ ମାପଚୁପ ସାରିଥିଲା ବେଳେ ଶୁକ୍ରବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ନୀଳଗିରି ତହସିଲଦାର ରଞ୍ଜନ ବେହେରା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ, ପୂର୍ତ୍ତବିଭାଗ ଏସ୍‌ଡିଓ ଜ୍ୟୋତିପ୍ରକାଶ ପଣ୍ଡା, ଯନ୍ତ୍ରୀ ଲକ୍ଷ୍ମଣ ସିଂଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇ ଜେସିବି ସାହାଯ୍ୟରେ ଦୋକାନ ଗୃହ ଭଙ୍ଗା ଯାଇଥିଲା।

### ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣାରେ ୬ ଗିରଫ

ଯୋଡ଼ା,୨୧।୭(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ସିଲଯୋଡ଼ା ଗ୍ରାମର କୁଦୁର ସାହିରେ ଯୁବକଙ୍କୁ ସଂଘବଦ୍ଧଭାବେ ପିଟିପିଟି ହତ୍ୟା ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ସିଲଯୋଡ଼ାର ସୁମିତ୍ରା ପିଙ୍ଗୁଆ, ବାବୁଲୁ ପିଙ୍ଗୁଆ, ରାଜୁ ବାହାଦୁର, ମଜୁରା ସିଦ୍ଧୁ, ଧରଣୀଧର ଶ୍ରୀବାସ୍ତବ, ଝାଡ଼ଖଣ୍ଡ ରାଜ୍ୟ ହାଟଗମ୍ଭାରିଆ ଅଞ୍ଚଳର ସୁରେଶ ଚାମ୍ପିଆ। ବାମେବାରି ଥାନା ଭାରପ୍ରାପ୍ତ ଅଧିକାରୀ ସ୍ୱରୂପ ନାୟକଙ୍କ ସୂଚନା ଅନୁଯାୟୀ, ସିଲଯୋଡ଼ା ଓ ନିକଟବର୍ତ୍ତୀ ଗଣୁଆ ଗ୍ରାମରେ ଖଣିଜ ଚୋରି ସହିତ ଟ୍ରକ୍‌ରୁ ବ୍ୟାଟେରୀ, ଟାୟାର ଚୋରି ନେଇ ପୋଲିସକୁ ସୂଚନା ଦେଉଥିବା ସନ୍ଦେହ କରି ମକୁରୁ ହେସାଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ହତ୍ୟା କରିଥିଲେ।

### ପୋଖରୀରେ ବୁଡ଼ି ଶିଶୁ ମୃତ

କୋଡ଼ପଡ଼ା,୨୧।୭ (ରଞ୍ଜିତ୍ କୁମାର ରଣା): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ମୟୂରଭଞ୍ଜ ସୀମାନ୍ତ ମହୁଲଡ଼ିହା ଥାନା ଖେଡ଼ିଆପଶି ଗ୍ରାମରେ ଗୁରୁବାର ଶିଶୁପୁତ୍ରଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଅନ୍ୟଜଣେ ଶିଶୁକନ୍ୟା ଗୁରୁତର ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅଙ୍ଗନବାଡ଼ି ଯାଇଥିବା ଶିଶୁପୁତ୍ର ଶୁଭମ୍ ନାୟକ ଓ ଶିଶୁ କନ୍ୟା ଭୂମି ପଇଦା ଅସାବଧାନତା ବଶତଃ ପୋଖରୀରେ ବୁଡ଼ିଯାଉଥିଲେ। ଦେଖି ଗ୍ରାମର ଲୋକମାନେ ଦୁଇଜଣଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଶିଶୁପୁତ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ମଧୁସ୍ମିତାଙ୍କୁ ମିଳିଲା ୩.୫ଲକ୍ଷ ଟଙ୍କାର କ୍ରୀଡ଼ା ଉପକରଣ

## ଦିବ୍ୟାଙ୍ଗଙ୍କ ପାଇଁ ଆଗେଇ ଆସିଲେ ଦିବ୍ୟାଙ୍ଗଙ୍କ ପରିବାର

ଭଦ୍ରକ, ୨୧।୭ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ, ରାମେଶ୍ୱରପୁରର ଦିବ୍ୟାଙ୍ଗ ହ୍ୱିଲଚେୟାର ଅସିଚାଳନା ଖେଳାଳି ମଧୁସ୍ମିତା ସାହୁଙ୍କୁ ସହାୟତା ଦେବାକୁ ଭୁବନେଶ୍ୱରରୁ ଆସି ଅନ୍ୟ ଜଣେ ଦିବ୍ୟାଙ୍ଗଙ୍କ ପରିବାର ୩ ଲକ୍ଷ ୫୦ ହଜାର ଟଙ୍କାର କ୍ରୀଡ଼ା ଉପକରଣ ଯୋଗାଇ ଦେଇଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟର ସାଳନ୍ଦୀ ସଭାଗୃହରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ରାମଦାସ ଟୁଡୁ ଯୋଗଦେଇ ମଧୁସ୍ମିତାଙ୍କୁ ଶୁଭେଚ୍ଛା ଜଣାଇବା ସହ କ୍ରୀଡ଼ା ଉପକରଣ ପ୍ରଦାନ କରିଥିବା ପ୍ରାଇଭେଟ୍ ସେକ୍ଟରରୁ ଅବସରପ୍ରାପ୍ତ ଭୁବନେଶ୍ୱରର ଗୁରୁପ୍ରସାଦ ଚୌଧୁରୀ, ତାଙ୍କ ସ୍ତ୍ରୀ ଓ ଦୁଇ ଝିଅଙ୍କୁ ଏ ନିଆରା ପ୍ରୋତ୍ସାହନ ପାଇଁ ସାଧୁବାଦ ଜଣାଇଥିଲେ।

ମଧୁସ୍ମିତା ହ୍ୱିଲଚେୟାର ଅସିଚାଳନା କ୍ରୀଡ଼ାରେ ଜାତୀୟସ୍ତରରେ ଚାମ୍ପିୟନ ହୋଇଛନ୍ତି। ୨୦୨୧ରୁ ଖେଳ ଆରମ୍ଭ କରି ୨୦୨୨ରେ ହରିଆଣାର କର୍ଣ୍ଣାଲଠାରେ ଆୟୋଜିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେ ଚାମ୍ପିୟନ ହୋଇଥିଲେ। ଅନ୍ତର୍ଜାତୀୟ କ୍ରୀଡ଼ା ପାଇଁ ଉପକରଣ କିଣିବାକୁ ମଧୁସ୍ମିତାଙ୍କ ପାଖରେ ଅର୍ଥ ସମ୍ବଳ ନ ଥିଲା। ଏ ସମ୍ପର୍କରେ ପୋର୍ଟାଲ ଜରିଆରେ ଖବର ଜାଣିବା ପରେ ଜଣେ ଦିବ୍ୟାଙ୍ଗ ଝିଅର ବାପା ହିସାବରେ ଦିବ୍ୟାଙ୍ଗ ମଧୁସ୍ମିତାଙ୍କ ଅସିଚାଳନା ଭଳି ଦୁଃସାହସିକ ଖେଳ ଓ ଦୃଢ଼ ଇଚ୍ଛାଶକ୍ତିରେ ପ୍ରଭାବିତ ହୋଇ ସହାୟତା ପାଇଁ ତାଙ୍କ ପରିବାର ପକ୍ଷରୁ ନିଷ୍ପତ୍ତି ନେଇଥିବା ଗୁରୁପ୍ରସାଦ ପ୍ରକାଶ କରିଥିଲେ। ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ଚୌଧୁରୀ, ଦିବ୍ୟାଙ୍ଗ କନ୍ୟା ତାନିଆ ଓ ଦୀକ୍ଷା ଉପସ୍ଥିତ ଥିଲେ। ତାଙ୍କ କୋଚ୍ ରାଖାଲ କୁମାର ସେଠୀଙ୍କ ପରାମର୍ଶକ୍ରମେ ଅନ୍ତର୍ଜାତୀୟ ସ୍ତରରେ ଉକ୍ତ କ୍ରୀଡ଼ା ଲାଗି ଆବଶ୍ୟକ ବାହାରୁ ଆମଦାନୀ ହୋଇଥିବା ୧୩ଟି ଉପକରଣ ମଧୁସ୍ମିତାଙ୍କୁ ପ୍ରଦାନ କରିଛନ୍ତି। ସହାୟତା ପାଇଁ ମଧୁସ୍ମିତା କୃତଜ୍ଞତା ଜଣାଇଥିଲେ। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ମଧୁସ୍ମିତାଙ୍କୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟର ସାଳନ୍ଦୀ ସଭାଗୃହ ମଧୁସ୍ମିତା ସାହୁଙ୍କୁ କ୍ରୀଡ଼ା ଉପକରଣ ଦିଆଯାଉଛି।

# ମହିଳାଙ୍କ ମୃତଦେହ ଜବତ

ରୂପସା,୨୧।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ମଥାନୀ ପଞ୍ଚାୟତ ଅଧୀନ ମଥାନୀ ଗ୍ରାମର ଜଣେ ବିଧବା ଗୁରୁବାର ଫାଶୀ ଦେଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଗ୍ରାମବାସୀ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମହିଳା ହେଲେ ସ୍ୱର୍ଗତ ରବୀନ୍ଦ୍ର ବିଶିଙ୍କ ସ୍ତ୍ରୀ ସାବିତ୍ରୀ ବିଶି (୫୫)। ସାବିତ୍ରୀଙ୍କ ଦୁଇ ପୁଅ ବାହାର ରାଜ୍ୟରେ କମ୍ପାନୀରେ କାମ କରନ୍ତି। ଘରେ ସେ ଆଉ ତାଙ୍କ ଶାଶୁ ରହନ୍ତି। ସକାଳେ ମହିଳା ଜଣକ ତାଙ୍କ ଶାଶୁଙ୍କୁ ଶାଗ ଓ ପିଜୁଳି ଆଣିବା ପାଇଁ ଗାଁର ପୁରୁଣା ଘରକୁ ପଠାଇଥିଲେ। ଶାଶୁ ପୁରୁଣା ଘରୁ ଫେରିବା ପରେ ଘର ଭିତରେ ସାବିତ୍ରୀ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଦେଖିଥିଲେ। ଗାଁ ଲୋକେ ଖବରପାଇ ସେଠାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୮/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ସହ ଘଟଣାର ତଦନ୍ତ କରୁଛି।

# ଶିମିଳିପାଳର ସୁରକ୍ଷା ପାଇଁ ଦେଶୀ ବନ୍ଧୁକ ସମର୍ପଣ ଅଭିଯାନ




ସଚେତନତା ବୈଠକରେ ପୋଲିସ ଓ ବନ ବିଭାଗ କର୍ମଚାରୀ।

ଠାକୁରମୁଣ୍ଡା, ୨୧।୭ (ତାରାକାନ୍ତ ପଟ୍ଟନାୟକ)

ଶିକାରୀମାନେ ଶିମିଳିପାଳ ଅଭୟାରଣ୍ୟ ଭିତରେ ପଶି ବନ୍ଧୁକ ସାହାଯ୍ୟରେ ବନ କର୍ମଚାରୀଙ୍କୁ ହତ୍ୟା ସହ ଜୀବଜନ୍ତୁ ଶିକାର ବଢୁଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ବନ ବିଭାଗ ଓ ପୋଲିସ ମିଳିତ ଭାବେ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଶିମିଳିପାଳ ସଂଲଗ୍ନ ଅଞ୍ଚଳରେ ଦେଶୀ ବନ୍ଧୁକ ସମର୍ପଣ ଅଭିଯାନ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଶୁକ୍ରବାର ଠାକୁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବନ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ବୈଠକ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଉପଖଣ୍ଡ ପୋଲିସ ଅଧିକାରୀ ଗୋକୁଳାନନ୍ଦ ନାଏକ ଯୋଗ ଦେଇଥିଲେ। ବେଆଇନ ଭାବେ ଘରେ ବନ୍ଧୁକ ରଖିବା ଦଣ୍ଡନୀୟ ଅପରାଧ। ଏଣୁ ବନ୍ଧୁକ ରଖିଥିବା ବ୍ୟକ୍ତିମାନେ ଚଳିତମାସ ୩୧ ତାରିଖ ପୂର୍ବରୁ ସ୍ଥାନୀୟ ସରପଞ୍ଚ, ୱାର୍ଡମେମ୍ବରଙ୍କ ମାଧ୍ୟମରେ ଖୁଣ୍ଟା, ଉଦଳା, କପ୍ତିପଦା, ଠାକୁରମୁଣ୍ଡା, ଯଶିପୁର, ବାଙ୍ଗିରିପୋଷି, ବାରିପଦା ସଦର ଥାନାରେ ବନ୍ଧୁକ ସମର୍ପଣ କରିବାକୁ କୁହାଯାଇଛି। ବନ୍ଧୁକ ସମର୍ପଣ କରିଥିବା ବ୍ୟକ୍ତିଙ୍କୁ ଦଣ୍ଡ ଦିଆଯିବ ନାହିଁ ବୋଲି ଜଣାଯାଇଛି। ଏନେଇ ମିଳିତ ବିଭାଗ ପକ୍ଷରୁ ଏକ ସଚେତନତା ରଥ ବିଭିନ୍ନ ଗ୍ରାମ ପରିକ୍ରମା କରୁଛି।

କରଞ୍ଜିଆ ବନଖଣ୍ଡ ଏସିଏଫ୍ ଫାଲ୍‌ଗୁନି ବେହେରା, ମଦନମୋହନ ମହାନ୍ତ, ଠାକୁରମୁଣ୍ଡା ଆଇଆଇସି ରଞ୍ଜୁ ହସିନା କୁଲୁ, ରେଞ୍ଜର କିଶୋର ପାଣିଗ୍ରାହୀ, ବନ୍ୟପ୍ରାଣୀ ରେଞ୍ଜର ଦୁର୍ଗା ଚରଣ ବାସ୍କେ ଓ କେନ୍ଦୁମୁଣ୍ଡି ରେଞ୍ଜର ଘାସିନାଥ ପାତ୍ର ଯୋଗ ଦେଇଥିବା ବେଳେ ସରପଞ୍ଚ ଆଲୋକ ଦଙ୍ଗ, ବ୍ରହ୍ମାନନ୍ଦ ଦେହୁରୀ, ପେଲଙ୍ଗ ହୋ, ଦଶମା ସୟ ପ୍ରମୁଖ ଉପସ୍ଥିତ ଥିଲେ।

## ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ

# ବିବାଦୀୟ ଜମିକୁ ବିକ୍ରି କରିଦେଲେ

କେନ୍ଦୁଝର,୨୧।୭(ଦୀପକ ମିଶ୍ର)

କେନ୍ଦୁଝର ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଶୁକ୍ରବାର ଏକ ବିବାଦୀୟ ଜମିକୁ କବଲା କରାଯାଇଛି। ଜମିକୁ ନେଇ ବିବାଦ ଥିବା ବେଳେ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହା ସତ୍ତ୍ୱେ ଜମିକୁ ବିକ୍ରି କରି ଦିଆଯାଇଛି। ପୂର୍ବରୁ ମଧ୍ୟ କେନ୍ଦୁଝର ସବ୍ ରେଜିଷ୍ଟ୍ରାର ଅଫିସରେ ମଲା ଲୋକଙ୍କ ନାମରେ ଜମି ବିକ୍ରି ନେଇ ଅଭିଯୋଗ ରହିଛି। ପ୍ରକାଶ ଯେ, କେନ୍ଦୁଝର ସଦର ବ୍ଲକ୍‌ର ନେଲୁଙ୍ଗ ମୌଜାରେ ଥିବା ୫୨ ଡିସିମିଲ ଜମିକୁ ୨୧ ବର୍ଷ ପୂର୍ବେ ନେଲୁଙ୍ଗ ଗ୍ରାମର ଜୟଦେବ ମହାରଣାଙ୍କୁ ଜମି ମାଲିକ ବିକ୍ରି କରିଥିଲେ। ଏଥିପାଇଁ ୧୦ ଲକ୍ଷ ଟଙ୍କାର ଅଗ୍ରୀମ ନେଇ ଏଗ୍ରିମେଣ୍ଟ ସହିତ କାଗଜପତ୍ର ମଧ୍ୟ ହୋଇଥିଲା। ତେବେ ଅଗ୍ରୀମ ଦେବା ପରେ ଜୟଦେବ ଦଖଲରେ ଥିଲେ। ଇତି ମଧ୍ୟରେ ଜୟଦେବଙ୍କ ବିୟୋଗ ହୋଇଯାଇଛି। ଫଳରେ ଅଗ୍ରୀମ ନେବା ସତ୍ତ୍ୱେ ଜମି ମାଲିକ ଆଉ ଜମି ଦେଇ ନ ଥିଲେ। ଯେଉଁଥିପାଇଁ ଅଗ୍ରୀମ ଏବଂ ଦଖଲ ସତ୍ତ୍ୱେ ଜମି ବିକ୍ରି ନ କରିବାରୁ ସ୍ଥାନୀୟ ସିଭିଲ ଜଜ୍ ସିନିୟର ଡିଭିଜନ କୋର୍ଟରେ ମଧ୍ୟ ମାମଲା ଦାଏର ହୋଇଥିଲା। ଏ ନେଇ ମାମଲା (ନଂ. ୯୦/୨୧୮)ରେ ଚାଲିଥିବା ବେଳେ ନିୟମିତ ଭାବେ ଶୁଣାଣି ଚାଲିଛି। ଅଭିଯୋଗକାରୀ ଅକ୍ଷୟ ମହାରଣା କୋର୍ଟରେ ସମସ୍ତ ଦସ୍ତାବିଜ ଦେଇଛନ୍ତି। ମାତ୍ର ଏହା ସତ୍ତ୍ୱେ ଏହି ଜମିକୁ ଅନ୍ୟ ଜଣଙ୍କୁ ବିକ୍ରି କରି ଦିଆଯାଇଥିଲା। ଏ ସମ୍ପର୍କରେ ଅଭିଯୋଗକାରୀଙ୍କ ଓକିଲ ସୁରଜ ମହାପାତ୍ର କହିଛନ୍ତି, ସାଧାରଣତଃ କୋର୍ଟରେ ମାମଲା ରହିଥିବାରୁ ଜମି କିଣାବିକା ହେବା କଥା ନୁହେଁ। କିନ୍ତୁ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଜମିକୁ ବିକ୍ରି କରି ଦେଇଛନ୍ତି। ଯାହାକି ବେଆଇନ। ଏ ସମ୍ପର୍କରେ କୋର୍ଟକୁ ଅବଗତ କରାଇଛୁ ବୋଲି ସେ କହିଥିଲେ। ଏ ସମ୍ପର୍କରେ ମତାମତ ନିମନ୍ତେ ସବ୍ ରେଜିଷ୍ଟ୍ରାର ଶିବବ୍ରତ ତ୍ରିପାଠୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ଫୋନ୍ ଉଠାଇ ନ ଥିଲେ।

# କାଠଶିଳ୍ପ ଶ୍ରମିକଙ୍କ ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଲେଶ୍ୱର,୨୧।୭ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାର ସହସ୍ରାଧିକ କାଠ କାରିଗର, ସାଧାରଣ ଚାଷୀ, ବନ୍ଦ କରାଯାଇଥିବା ଗ୍ରାମୀଣ କରତକଳର ଶ୍ରମିକ, ରାଜମିସ୍ତ୍ରୀ, କାଠ ସାମଗ୍ରୀ ସହ ଜଡ଼ିତ ବିଭିନ୍ନ ବର୍ଗର ବ୍ୟବସାୟୀ 'ଜୀବନ ଜୀବିକା ସୁରକ୍ଷା ସଂଯୁକ୍ତ ଗଣ ପରିଷଦ' ନେତୃତ୍ୱରେ ଶୁକ୍ରବାର ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ବିକ୍ଷୋଭ ସମାବେଶ ସ୍ଥଳରେ ପରିଷଦର ସଭାପତି ମଣିଭଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ପ୍ରବୋଧ କୁମାର ପରିଡ଼ା ଯୋଗଦେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଭିତ୍ତି କରି ରାଜ୍ୟ ସରକାର ଜିଲାରେ ସୋମନାଥପୁର ଶିଳ୍ପାଞ୍ଚଳରେ ୬ଟି ଓ ବାହାନଗା ବ୍ଲକ୍ ଅଧୀନ ପଣପଣା ଶିଳ୍ପାଞ୍ଚଳରେ ୨ଟି ଲାଇସେନ୍ସ ପ୍ରାପ୍ତ କରତକଳ କାର୍ଯ୍ୟକ୍ଷମ କରାଇଥିଲେ। ୧୬୦ କି.ମି. ଦୈର୍ଘ୍ୟ ବିଶିଷ୍ଟ ଜିଲାରେ ଗୋଟିଏ ପ୍ରାନ୍ତରରୁ ଅନ୍ୟ ପ୍ରାନ୍ତରକୁ ଯିବା ଆସିବା କରି କାଠ କାଟିବାରେ ସାଧାରଣ ଲୋକ ନାହିଁ ନ ଥିବା ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଛନ୍ତି। କାଠର ଆବଶ୍ୟକତାକୁ ମେଣ୍ଟାଇବାକୁ ଯାଇ ଗ୍ରାମାଞ୍ଚଳମାନଙ୍କରେ କରତକଳ ସବୁ ବିନା ଲାଇସେନ୍ସରେ ଗଢ଼ି ଉଠିଛି। ଏହି ସମସ୍ୟାର ସମାଧାନ ପାଇଁ ଉକ୍ତ କରତକଳଗୁଡ଼ିକୁ ଲାଇସେନ୍ସ ପ୍ରଦାନ କରି କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଏଆଇଟିୟୁସିର ଜିଲା ସଭାପତି ଭାଗବତ ପ୍ରତିହାରୀ, ସିଆଇଟିୟୁ ନେତା ପ୍ରେମରଞ୍ଜନ ପାତ୍ର, ବିଏମ୍‌ଏସ୍‌ର ଯୁବନେତା ଅଭିଷେକ ନାୟକ, ଶ୍ରମିକନେତା ମାୟାଧର ନାୟକ, ସମାଜସେବୀ ବିଧାନ ଚନ୍ଦ୍ର ରାୟ, ଓକିଲ ସଂଘ ସଭାପତି ମନୋଜ ନାୟକ, ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କାଠଶିଳ୍ପ ସମ୍ପର୍କିତ ସମସ୍ତ ବର୍ଗର ଶ୍ରମଜୀବୀଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସରକାର ନିଷ୍ପତ୍ତିର ପରିବର୍ତ୍ତନ ପାଇଁ ଦାବି କରିଥିଲେ। ଏକ ପ୍ରତିନିଧି ଦଳ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫାର ଦାବିପତ୍ର ପ୍ରଦାନ କରିଥିଲେ।




କାଠଶିଳ୍ପ ଶ୍ରମିକଙ୍କ ସହର ପରିକ୍ରମା।

# 'ମହିଳାଙ୍କୁ ଆର୍ଥିକ, ସାମାଜିକ ସୁରକ୍ଷା ଦେବା ସରକାରଙ୍କ ଲକ୍ଷ୍ୟ'

ବନ୍ତ,୨୧।୭(ହରିନାରାୟଣ ମହାନ୍ତି)

ମହିଳାମାନେ ସଶକ୍ତ ନ ହେଲେ ରାଜ୍ୟ ଆଗେଇ ପାରିବ ନାହିଁ। ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ସୁରକ୍ଷା ଦେବା ସରକାରଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ଶୁକ୍ରବାର ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ମିଶନଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ସ୍ୱୟଂସହାୟକ ଗୋଷ୍ଠୀ ନିମନ୍ତେ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ବ୍ୟବସ୍ଥା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ।

ଭାରପ୍ରାପ୍ତ ବିପିଏମ୍ ଦୁର୍ଗା ପ୍ରସାଦ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ପ୍ରଦୀପ କୁମାର ସେଠୀ ଓ ସିଡିପିଓ ରୀତାରାଣୀ ମାଝୀ ଯୋଗଦେଇ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ବିଏଲ୍‌ସି ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିପିସି ଭୋଳାନାଥ ସେନାପତି, ବିଏଲ୍‌ସି ସଞ୍ଜୁଲତା ନାୟକ, ଏସ୍‌ଡିସି ସ୍ମିତା ପାଣିଗ୍ରାହୀ, ବିଏଲ୍‌ଏଫ୍ ସମ୍ପାଦିକା ସୁଦୀପ୍ତି ସିଂହ ଓ ସଭାନେତ୍ରୀ ରୀନାରାଣୀ ମଲ୍ଲିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଓଡ଼ିଶା ଜୀବିକା ମିଶନର ସମସ୍ତ କର୍ମଚାରୀ, ବିଏଲ୍‌ଏଫ୍‌ର ସମସ୍ତ କାର୍ଯ୍ୟକର୍ତ୍ତା, ୨୫ ପଞ୍ଚାୟତର ୯୦ ସ୍ୱୟଂସହାୟକ ଗୋଷ୍ଠୀର ୧୮୦ ସଭାନେତ୍ରୀ ଓ ସମ୍ପାଦିକା, ସମସ୍ତ ଏମ୍‌ବିକେ ଓ ବ୍ୟାଙ୍କମିତ୍ର ଉପସ୍ଥିତ ଥିଲେ।



ମିଶନଶକ୍ତି ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତା ଓ ମହିଳାମାନେ।

**ଭୁବନେଶ୍ୱରରୁ ଚୋରି ସ୍କୁଟି ଚାନ୍ଦବାଲିରୁ ଜବତ**

ଚାନ୍ଦବାଲି, (କିଶାନ ପାତ୍ର)-ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରୁ ମାସେ ତଳେ ଚୋରି ହୋଇଥିବା ଏକ ସ୍କୁଟିକୁ ଚାନ୍ଦବାଲି ପୋଲିସ ଜବତ କରିଛି। ପୋଲିସ ମାମଲା (ନଂ.୨୧୯/୨୩) ରୁଜୁ କରି ୨ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ତାଳଚୁଆ ମେରାଇନ ଥାନା ଅଧୀନ ବାଘୁଆ ଗ୍ରାମର ଅରବିନ୍ଦ ସେଠୀ(୨୪) ଓ ଚାନ୍ଦବାଲି ଥାନା ତେନ୍ତୁଳିଡିହ ଗ୍ରାମର ରତିକାନ୍ତ ଧଳ(୩୩)। ଗୁରୁବାର ପୋଲିସ ଗାଡ଼ି ମୋଟର ଯାଞ୍ଚ ବେଳେ ଉକ୍ତ ସ୍କୁଟି ଜବତ କରିଥିଲା। ସ୍କୁଟି ଏକ ମାସ ତଳେ ଚୋରି ହୋଇଥିଲା ବୋଲି ଚାନ୍ଦବାଲି ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ କହିଛନ୍ତି।



## ସଂକ୍ଷେପରେ

### ୟୁଏଲସିକୁ ନେଇ ଦ୍ୱନ୍ଦ୍ୱରେ ଛାତ୍ରଛାତ୍ରୀ
#### ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

ବାରିପଦା,୨୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ଚଳିତ ବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ୟୁନିଭର୍ସିଟି ଲିଭିଂ ସର୍ଟିଫିକେଟକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ପ୍ରଦାନ କରାଯାଉଥିବା ୟୁଏଲସି ଉପରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଲେଖା ହୋଇଥିବା ବେଳେ ତଳେ ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟ ଷ୍ଟାମ୍ପ ପଡ଼ି ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଦସ୍ତଖତ କରୁଛନ୍ତି। ଯାହା ଫଳରେ ଏହାର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ବାହାର କୌଣସି ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ କରିଛନ୍ତି। ବିନା ୟୁଲସିରେ ଅନ୍ୟ କୌଣସି ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ସମ୍ଭବ ହେଉ ନ ଥିବା ବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ହୋଇ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ନାମରେ ନାମିତ ହୋଇଛି। ତେବେ ଛାତ୍ରୀଛାତ୍ରମାନଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଲେଖା ଥାଇ ଏକ ନୂଆ ୟୁଏଲସି ପ୍ରଦାନ କରାଯିବାକୁ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କୁ ଛାତ୍ର ଅଭିଷେକ ପଣ୍ଡା ଅନୁରୋଧ କରିଛନ୍ତି।

### ଜଳିଗଲା ୨ ବଖରା

ଚାନ୍ଦବାଲି, ୨୧।୭(କିଶାନ ପାତ୍ର)-ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସି ଶାସ୍ତ୍ରୀନଗର ନିକଟରେ ଥିବା ଅନୁପ କୁମାର ଗୁପ୍ତାଙ୍କ ୨ ବଖରା ଘର ଗୁରୁବାର ବିଳମ୍ବିତ ରାତିରେ ଜଳିଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

### ଓଷ୍ଟା ବ୍ଲକ୍ ସମ୍ପାଦକଙ୍କ ପରଲୋକ

ପାଟଣା,୨୧।୭(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ବ୍ରାହ୍ମଣୀ ଦେଓ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଓଷ୍ଟାର ବ୍ଲକ୍ ସମ୍ପାଦକ ଅନୀଲ ବାରିକ(୬୧)ଙ୍କ ଶୁକ୍ରବାର ପରଲୋକ ଘଟିଛି। ୩ ଦିନ ପୂର୍ବେ ତାଙ୍କର ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ହାର୍ଟ ଅପରେସନ ହୋଇଥିଲା। ସେ ସରକାରୀ ଚାକିରିରୁ ଅବସର ପରେ ମଙ୍ଗଳପୁର ସେଣ୍ଟ୍ରାଲ ଗାୟତ୍ରୀ ସ୍କୁଲ୍‌ରେ ଅଧ୍ୟକ୍ଷ ଏବଂ ପାଟଣା ମୁଖ୍ୟାଳୟ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଇଂରାଜୀ ଶିକ୍ଷକଭାବେ କାର୍ଯ୍ୟରତ ଥିଲେ।



ତାଙ୍କ ମୃତ୍ୟୁରେ ଓଷ୍ଟାର ବ୍ଲକ୍ ଓ ଜିଲା କର୍ମକର୍ତ୍ତା, ଜାଭିୟର ସ୍କୁଲ୍‌ର ପ୍ରତିଷ୍ଠାତା ଅଜୟ ଦାଶ, ଅଭିନାଶ ଦାଶ, ଜାଭିୟର ଅଧ୍ୟକ୍ଷ ଗଣେଶ୍ୱର ଦାଶ, ଶିକ୍ଷକ ଶ୍ରୀନିବାସ ଶତପଥୀ, ଚିନ୍ମୟ ମିଶ୍ର, ପାର୍ଥ ସାରଥୀ ବେଜଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଶୋକ ପ୍ରକାଶ କରିଛନ୍ତି। ତାଙ୍କୁ ସମ୍ମାନ ଜଣାଇ ଜାଭିୟର ସ୍କୁଲକୁ ଶୁକ୍ରବାର ବନ୍ଦ ରହିଥିଲା। ଜନ୍ମମାଟି ସାହାରପଡ଼ା ବ୍ଲକ୍ ମଲାରପଦା ପଞ୍ଚାୟତ ଅର୍ଜୁନ ପଶି ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁଅ ପ୍ରସିଦ୍ଧ ଚିରଞ୍ଜୀବ କୁମାର ମୁଖାଗ୍ନି ଦେଇଥିଲେ।

# 'ଅଭୟାରଣ୍ୟ ସୁରକ୍ଷା ଲାଗି ବ୍ୟାପକ ପଦକ୍ଷେପ'

**ସମୀକ୍ଷା କଲେ ପିସିସିଏଫ୍**

**ଶିକାରୀ ନିଷ୍କ୍ରିୟ, ମାଫିଆ ସକ୍ରିୟ ନେଇ ଅଭିଯୋଗ**

ବାରିପଦା,୨୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ୭ ଡିଭିଜନର ବନଖଣ୍ଡ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ବାରିପଦାସ୍ଥିତ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପିସିସିଏଫ୍ (ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ) ସୁଶୀଲ କୁମାର ପୋପଲି ଦୁଇଦିନିଆ ଗସ୍ତରେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ପୂର୍ବକ ସମୀକ୍ଷା କରିଛନ୍ତି। ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟରେ ଚାଲିଥିବା ଶିକାର ଓ ମାସକ ମଧ୍ୟରେ ଦୁଇ ବନ କର୍ମଚାରୀ ନିହତ ହେବା ଘଟଣାକୁ ନେଇ ରାଜ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାକୁ ନେଇ ଜଙ୍ଗଲ, ଜଳବାୟୁ ଓ ପରିବେଶ ନିୟନ୍ତ୍ରଣ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। କ୍ଲିନ ଶିମିଳିପାଳ ଅପରେଶନ ଚାଲୁ ରହିଥିବା ବେଳେ ବନ୍ଧୁକ ଓ ବନ୍ଧୁକ ତିଆରି କାରଖାନା ଉପରେ ପୋଲିସ ବ୍ୟାପକ ଭାବେ ଚଢ଼ାଉ ଜାରି ରଖିଛି। ଜୁଲାଇ ୩୧ ସୁଦ୍ଧା ବେଆଇନ ବନ୍ଧୁକ ଜମା ଦେବାକୁ ସଚେତନ କରାଯାଉଛି। ବନ୍ଧୁକ ଜବତ ଓ ଶିକାରୀଙ୍କୁ ଗିରଫ କରିବା ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ବେଳେ ପଥର ଓ କାଠ ମାଫିଆଙ୍କ ପ୍ରତି



କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ସମୀକ୍ଷା ବୈଠକ।

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଭଞ୍ଜସେନାର ଜିଲା ସଭାପତି ପିଣ୍ଟୁ ମାଇତି ପ୍ରକାଶ କରିଥିଲେ।

ବନ୍ୟପ୍ରାଣୀ ଉପରକୁ ଶିକାରୀମାନେ ଗୁଳି ଚଳାଉଥିବା ବେଳେ ପଥର ମାଫିଆମାନେ ବନ୍ୟପ୍ରାଣୀଙ୍କ ସୁରକ୍ଷିତ ସ୍ଥାନକୁ ବାରୁଦରେ ବ୍ଲାଷ୍ଟିଂ କରୁଛନ୍ତି। ଫଳରେ ପ୍ରଚଣ୍ଡ ଶବ୍ଦରେ ଆଖପାଖ ଅଞ୍ଚଳ ଦୋହଲୁଥିବା ବେଳେ ବନ୍ୟପ୍ରାଣୀମାନେ ଜୀବନ ବିକଳରେ ବାଟବଣା ହେଉଛନ୍ତି। ଏପରିକି କିଛିଦିନ ପୂର୍ବେ କୋର ଅଞ୍ଚଳରେ ରହୁଥିବା ମହାବଳ ବାଘ ବାଟବଣା ହୋଇ କେନ୍ଦୁଝର ଜିଲା ଘଟଗାଁ ଅଞ୍ଚଳକୁ ପ୍ରବେଶ କରିବା ଘଟଣା ଦେଖିବାକୁ ମିଳିଥିଲା। ଖୁଣ୍ଟା ତହସିଲ ସୁବର୍ଣ୍ଣମଞ୍ଜରୀ ଅଞ୍ଚଳର ଇକୋ ସେନ୍‌ସିଟିଭ ଜୋନ (ସ୍ୱର୍ଣ୍ଣକାତର ଇଲାକା)ରେ ଥିବା ପଥର ଖାଦାନରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ସତ୍ତ୍ୱେ ଅତ୍ୟାଧୁନିକ ଡ୍ରିଲ ମେଶିନ ସାହାଯ୍ୟରେ ବ୍ଲାଷ୍ଟିଂ କରାଯାଉଥିଲା। ଖବରପାଇ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ମେଶିନ ଜବତ କରିଥିଲେ ହେଁ ଆଣିବାରେ ସକ୍ଷମ ହୋଇପାରି ନ ଥିଲେ। ପରଦିନ ଉକ୍ତ ସ୍ଥାନରେ ମେଶିନ ନ ଥିବାବେଳେ ତାହାକୁ କିଏ ଓ କେଉଁଠିକୁ ନେଲେ, ସେ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ଶିମିଳିପାଳକୁ ସୁରକ୍ଷା ଦେବାରେ ଜିଲା ପ୍ରଶାସନର ଭୂମିକାକୁ ନେଇ ସନ୍ଦେହ ଉପୁଜିବାରେ ଲାଗିଛି ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ସେହିପରି କାଠ ମାଫିଆମାନେ ଶିକାରୀଙ୍କ ସହାୟତାରେ ମୂଲ୍ୟବାନ କାଠ ଚାଲାଣ କରିବାରେ ବ୍ୟସ୍ତ ରହିଛନ୍ତି। ଏ ସମ୍ପର୍କରେ ପିସିସିଏଫ୍ କହିଛନ୍ତି, ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷା ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଇଛି। ଅଭୟାରଣ୍ୟରେ ଥିବା ୨ଶହ କ୍ୟାମ୍ପକୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି। ଚାଲୁ ରହିଥିବା ୨/୩ଟି କ୍ୟାମ୍ପକୁ ମିଶାଇ ଗୋଟିଏ କ୍ୟାମ୍ପ କରି ପ୍ରତି କ୍ୟାମ୍ପରେ ୮ରୁ ୧୦ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଅନୁଯାୟୀ ବନ ବିଭାଗ ଓ ପୋଲିସକୁ ନେଇ ଏକ ଜଏଣ୍ଟ ଟାସ୍କଫୋର୍ସ ଗଠନ କରାଯାଇଛି। ଏଥିରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଶିକାରୀ ଓ ଶିକାର ରୋକିବାକୁ ପ୍ରୟାସ ଜାରି ରହିଛି। ସେହିପରି ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳରେ ସର୍ଚ୍ଚ ଓ କୋମ୍ବିଂ ଅପରେଶନ ଜାରି ରହିଛି। ଏହା ବ୍ୟତୀତ ଜନସାଧାରଣଙ୍କ ସହ ସମ୍ପର୍କ ସ୍ଥାପନ କରାଯାଇ ଶିମିଳିପାଳର ସୁରକ୍ଷା ନିମନ୍ତେ ସହଯୋଗ କରିବାକୁ ପ୍ରୟାସ କରାଯାଉଛି।

# ପେନ୍‌ସନ ନ ପାଇଲେ ବିଧାନସଭା ସମ୍ମୁଖରେ ଧାରଣା



ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଚେତାବନୀ ଦେଲେ ଅବସରପ୍ରାପ୍ତ ଶିକ୍ଷକ**

ଭଦ୍ରକ, ୨୧।୭(ସନାତନ ରାଉତ)

ଭଦ୍ରକ ଜିଲା ଅବସରପ୍ରାପ୍ତ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ଏବଂ କର୍ମଚାରୀ ମାଧ୍ୟମିକ ଓ ନିମ୍ନମାଧ୍ୟମିକ ସଂଘ ପକ୍ଷରୁ ପେନ୍‌ସନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ୩୦ରୁ ୩୫ ବର୍ଷ ଚାକିରି ପରେ ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀମାନେ ପେନ୍‌ସନ ପାଇଁ ସରକାରଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ବାର୍ଦ୍ଧକ୍ୟ ସମୟରେ ରୋଗରେ ପୀଡ଼ିତ ହୋଇ ଔଷଧ କିଣିବାକୁ ନ ପାଇ କେତେଜଣ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କର ଦେହାନ୍ତ ହୋଇଯାଇଛି। ପେନ୍‌ସନ ଗ୍ରାଚ୍ୟୁଇଟି ଓ ପ୍ରୋଭିଡେଣ୍ଟ ଫଣ୍ଡ ସବୁଥିରୁ ବଞ୍ଚିତ ହେଉଛନ୍ତି। ଉଚ୍ଚ ନ୍ୟାୟାଳୟ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି। ଜିଲାର ୨ଶହରୁ ଅଧିକ ଅବସରପ୍ରାପ୍ତ ଶିକ୍ଷକ ସଂଘ ସମ୍ପାଦକ ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର ସଭାପତି ସୁରେନ୍ଦ୍ର ମହାପାତ୍ର, ଉପସଭାପତି ଭଗବାନ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, କାଶୀନାଥ ପୃଷ୍ଟି, ଶରତ କୁମାର ସାହୁ, ବରିଷ୍ଠ ଓଷ୍ଟା ସମ୍ପାଦକ ଶାନ୍ତନୁ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଅବ୍ୟବସ୍ଥାରେ କବାଟଘାଟି ଉଚ୍ଚ ବିଦ୍ୟାଳୟ



ରାଇବଣିଆ,୨୧।୭(ନବୀନ ସାହୁ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ପଞ୍ଚାୟତର କବାଟଘାଟି ସରକାରୀ ଉଚ୍ଚ ବିଦ୍ୟାଳୟ ନାନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଏଠାରେ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରୀମାନେ ନାନା ଅସୁବିଧା ମଧ୍ୟରେ ରହୁଛନ୍ତି। ବିଦ୍ୟାଳୟରେ ଥିବା ଶୌଚାଳୟ କାମ କରୁ ନ ଥିବାରୁ ପିଲାମାନେ ଶୌଚ ପାଇଁ ଜଙ୍ଗଲ ମଧ୍ୟକୁ ଯାଉଛନ୍ତି।

୧୯୫୯ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ୪ର୍ଥ ଶ୍ରେଣୀଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୨୩୫ ପିଲା ଅଧ୍ୟୟନ କରୁଛନ୍ତି। ଏଠାରେ ବାଲେଶ୍ୱର ଜିଲା ସମେତ ମୟୂରଭଞ୍ଜ, କେନ୍ଦୁଝର ଓ ପଶ୍ଚିମବଙ୍ଗର ଛାତ୍ରୀଛାତ୍ରମାନେ ପାଠ ପଢ଼ିଥାନ୍ତି। ଏହି ସ୍କୁଲକୁ ସରକାରଙ୍କ ଦ୍ୱାରା ଉନ୍ନତୀକରଣ ପାଇଁ ୫-ଟି ଅନ୍ତର୍ଭୁକ୍ତ କରାଯାଇଛି। କିନ୍ତୁ ସେଥିରେ କିଛି ସୁଫଳ ମିଳିପାରୁନାହିଁ। ଅନ୍ୟ ଶ୍ରେଣୀ ଗୃହଗୁଡ଼ିକର କାନ୍ଥ ଏବଂ ଛପର ଉଡ଼ିଲାଣି, ତ କେଉଁଠି ଛାତରୁ ପାଣି ଗଳିଲାଣି। ଏହା ଏକ ଆବାସିକ ବିଦ୍ୟାଳୟ ହୋଇଥିବାରୁ ପିଲାମାନେ ହଷ୍ଟେଲରେ ରହି ପଢୁଛନ୍ତି। ଏଠାରେ ପାନୀୟ ଜଳ ସୁବିଧା ନାହିଁ କି ଶୌଚାଳୟ ବ୍ୟବସ୍ଥା ନାହିଁ। ପିଲାମାନେ ରହୁଥିବା ଘର ଛାତରୁ ପ୍ଲାଷ୍ଟର ଖସୁଛି। ଏହା ଜଙ୍ଗଲ ମଧ୍ୟରେ ହୋଇଥିବା ଏବଂ ପାଚେରି ନ ଥିବା ହେତୁ ବାରମ୍ବାର ବିଦ୍ୟାଳୟ ପରିସରକୁ ହାତୀ ପଶି କବାଟ ଝରକା ଭାଙ୍ଗି ଦେଉଛନ୍ତି। କିଛି ଦିନ ପୂର୍ବରୁ ସ୍କୁଲରେ ବିଦ୍ୟୁତ୍ ପାଇଁ ଏକ ଟ୍ରାନ୍ସଫର୍ମର ଲଗାଯାଇଥିଲେ ମଧ୍ୟ ଠିକାଦାରଙ୍କ ମାରଣ ନୀତି ପାଇଁ ବିଦ୍ୟୁତ୍ ସଂଯୋଗ ହୋଇପାରୁନାହିଁ। ଅନ୍ୟତ୍ର ଏକ ବିପଦସଂକୁଳ ସ୍ଥାନରୁ ଅସ୍ଥାୟୀ ଭାବେ ବିଦ୍ୟୁତ୍ ସଂଯୋଗ କରାଯାଇ କାମ ଚଳାଯାଉଛି। ପିଇବା ପାଣି ପାଇଁ ହାତମୋଡ଼ା ଟ୍ୟୁବ୍‌ୱେଲ ହିଁ ଭରସା।

ବିଦ୍ୟାଳୟରେ ୧୩ଜଣ ଶିକ୍ଷକଙ୍କ ସ୍ଥାନରେ ୧୦ ଜଣ ଅଛନ୍ତି। ୪ ବର୍ଷ ହେଲା କିରାଣି ପଦ ମଧ୍ୟ ଖାଲି ପଡ଼ିଛି। ଏନେଇ ପୁରାତନ ଛାତ୍ର କୁନାରାମ ମୁର୍ମୁ, ଉଦୟ ନାଥ ହେମ୍ବ୍ରମ, ଦେବାଶିଷ ମୁର୍ମୁ, ୭ନଂ. ଜୋନ୍‌ର ଜିଲା ପରିଷଦ ତୁଳସୀ କିସ୍କୁ, ରାଇବଣିଆ ସମିତିସଭ୍ୟ ନାଗି ହେମ୍ବ୍ରମ, ପୂର୍ବତନ ରାଜସ୍ୱ ନିରୀକ୍ଷକ ମେଘରାୟ ଟୁଡୁ, ବିନୋଦ ବିହାରୀ ହାଁସଦା, ସାମାଜିକ କର୍ମୀ ଦିନେଶ କିସ୍କୁ ବିଦ୍ୟାଳୟର ଉନ୍ନତି ପାଇଁ ପ୍ରଧାନ ଶିକ୍ଷକ ଚକ୍ରଧର ଦାସଙ୍କ ସହିତ ଆଲୋଚନା କରିଥିଲେ। ଦାସ କହିଥିଲେ ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି ଏବଂ ଖୁବ୍‌ଶୀଘ୍ର ବିଦ୍ୟାଳୟର ଶ୍ରେଣୀ ଗୃହଗୁଡ଼ିକ ମରାମତି କରାଯିବ।

ଏ ନେଇ ଜିଲା ଜନମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ସରକାର ଏନେଇ ଚେଷ୍ଟିତ। ଏତଦ୍‌ଦ୍ୱାରା ଆଗକୁ ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ୍‌ଗୁଡ଼ିକ ଖୁବ୍‌ଶୀଘ୍ର ରୂପାନ୍ତରିତ ହେବ ଏବଂ ଉକ୍ତ ବିଦ୍ୟାଳୟର ଅବ୍ୟବସ୍ଥା ଦୂରୀକରଣ ହେବ।

### ରାଜ୍ୟସ୍ତରରେ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ ୨ୟ

ବାଲେଶ୍ୱର,୨୧।୭(ମାନସ ବିଶ୍ୱାଳ)

ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ରିପୋର୍ଟ ଅନୁସାରେ ସଦ୍ୟ ପ୍ରକାଶିତ ୨୦୨୩ +୨ କାଉନସିଲ ପରୀକ୍ଷାର ହାରାହାରି ସର୍ବୋଚ୍ଚ ମାର୍କ ଅନୁଯାୟୀ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ ଓଡ଼ିଶାରେ ରାଜ୍ୟସ୍ତରୀୟ ବିଜ୍ଞାନରେ ୨ୟ କନିଷ୍ଠ ମହାବିଦ୍ୟାଳୟ ଭାବେ ବିବେଚିତ ହୋଇଛି। ସେହିପରି ରାଜ୍ୟସ୍ତରରେ କଳାରେ ସରକାରୀ କନିଷ୍ଠ ମହାବିଦ୍ୟାଳୟସ୍ତରରେ ଚତୁର୍ଥ ଓ ବାଣିଜ୍ୟରେ ୨୧ତମ ସ୍ଥାନ ଅଧିକାର କରିଛି। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣାଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ଆସନ୍ତାବର୍ଷରେ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ ରାଜ୍ୟସ୍ତରରେ +୨ କାଉନସିଲ ପରୀକ୍ଷାରେ ଆହୁରି ଭଲ କରିବାକୁ ସମସ୍ତ ଉଦ୍ୟମ ଜାରି ରହିବ ବୋଲି ଅଧ୍ୟକ୍ଷ ରଣା କହିଛନ୍ତି।

# ରାସ୍ତା ଦବି ପାଣି ଜମୁଛି

ଧାମନଗର,୨୧।୭(ଦେବେନ୍ଦ୍ର ଆଦିଆ)

୧୬ ନଂ. ଜାତୀୟ ରାଜପଥର ଧାମନଗର ଛକଠାରୁ ଷେଣ୍ଡପୁର ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ମଝିରେ ମଝିରେ ଫାଟି ଦବି ଯାଇଥିବା ବେଳେ କେତେକ ସ୍ଥାନରେ ଖାଲ ଖମା ଦେଖିବାକୁ ମିଳିଛି। ଏହି ରାସ୍ତାର ଧାମନଗର ଛକଠାରୁ ଗୁହାଳିଆ ଓ ୪ନଂ. କେନାଲ ପୋଲର ଦୁଇ ପାର୍ଶ୍ୱ ପିଚୁ ରାସ୍ତା ଦବି ଯାଇଛି। ରାଇସ୍ ମିଲ୍ ନିକଟ, ଭଗବାନପୁର ବଜାର ବାଲାଜୀ କଲ୍ୟାଣ ମଣ୍ଡପ ପାଖରେ ରାସ୍ତାର ମଝି ଅଂଶ ଦବିଯାଇ ଖାଲ ହେବା ସହ ସାମାନ୍ୟ ବର୍ଷାରେ ପାଣି ଜମି ରହୁଛି। ସେହିପରି ଧାମନଗର କଲେଜ ନିକଟ ପୂର୍ତ୍ତ ବିଭାଗ ରାସ୍ତା ମଝିରେ ଫାଟ ସୃଷ୍ଟି ହୋଇଛି। ଏହି ରାସ୍ତା ଭଦ୍ରକରୁ ଯାଜପୁର ଜିଲାକୁ ସଂଯୋଗ କରୁଥିବାରୁ ପ୍ରତ୍ୟହ କଟକ, ଭୁବନେଶ୍ୱର, ବାଲେଶ୍ୱର ଅଞ୍ଚଳକୁ ଯାତ୍ରୀବାହୀ ବସ୍ ଯାତାୟାତ କରିବା ସହ ଧାମନଗର ବ୍ଲକ ଅଞ୍ଚଳର ବହୁ ଜନସାଧାରଣ ଦୈନିକ ଭଦ୍ରକ ଜିଲା ହେଡ୍‌କ୍ୱାଟରକୁ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ବର୍ଷା ହେଲେ



ଭଗବାନପୁର କଲ୍ୟାଣ ମଣ୍ଡପ ନିକଟରେ ଦବି ଯାଇଥିବା ରାସ୍ତା ।

ଏହି ରାସ୍ତାରେ ପାଣି ଜମି ଦୁଇ ଚକିଆ ଓ ଚାରି ଚକିଆ ଯାନ ଦୁର୍ଘଟଣାର ସମ୍ମୁଖୀନ ହେଉଛି। ବର୍ଷକ ତଳେ ଉକ୍ତ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ଖରାପ ହୋଇ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ବୟସାଧିକ କାରଣରୁ ଦୋଷୀଙ୍କୁ ତାଗିଦା କରି ଛାଡ଼ିଲେ କୋର୍ଟ

**ମହିଳାଙ୍କୁ ଅଶାଳୀନ ବ୍ୟବହାର ମାମଲା**

ମୋରଡ଼ା,୨୧।୭(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଜେଏମ୍ଏଫସି କୋର୍ଟରେ ମହିଳାଙ୍କୁ ଅଶାଳୀନ ବ୍ୟବହାର ମାମଲାର ବିଚାର ହୋଇଛି। ଜଜ୍ ଅଭିଯୁକ୍ତ ହାୱାଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ବୟସାଧିକ କାରଣରୁ ତାଗିଦା କରି ଛାଡ଼ିଦେଇଥିବା ଜଣାପଡ଼ିଛି। ମାମଲା ବିବରଣୀ ଅନୁଯାୟୀ, ୨୦୦୫ ଡିସେମ୍ବର ୧୫ରେ ମୋରଡ଼ା ଥାନା ଅଞ୍ଚଳରେ ଜନୈକ ମହିଳାଙ୍କ ଘରକୁ ରାତିରେ ହାୱାଲ ମହାନ୍ତ ଟାଇଲ୍ସ ଛପର ଭାଙ୍ଗି ଉଲଗ୍ନ ଅବସ୍ଥାରେ ପଶିଥିଲେ। ମହିଳାଙ୍କୁ ଆଶାଳୀନ ଭାଷା ପ୍ରୟୋଗ କରିବା ସହିତ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ନେଇ ପୀଡ଼ିତା ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଘଟଣାରେ ହାୱାଲ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ବର୍ତ୍ତମାନ ସେ ୭୨ ବର୍ଷର ହୋଇଥିବାରୁ ତାଙ୍କୁ କଡ଼ା ଚେତାବନୀ ଦେଇ କୋର୍ଟ ଛାଡ଼ି ଦେଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ସମ୍ବିତ ଦାସ କହିଛନ୍ତି।

# ଓଏମ୍‌ସି ଜିଲିଂ ଲୌହ ଖଣି ଆଗରେ ବିକ୍ଷୋଭ




ଶୋଭାଯାତ୍ରାରେ କେଏମ୍ଏଫଡବ୍ଲ୍ୟୁୟୁ ସଦସ୍ୟ।

**କେଏମ୍ଏଫଡବ୍ଲ୍ୟୁୟୁ ପକ୍ଷରୁ ପୁନଃ ନିଯୁକ୍ତି ଦାବି**

ଯୋଡ଼ା,୨୧।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଜୁରୁଡ଼ିସ୍ଥିତ ଓଡ଼ିଶା ଖଣି ନିଗମର ଜିଲିଂ ଖଣି ସମ୍ମୁଖରେ ଏଆଇଟିୟୁସି ସହ ଅନୁବନ୍ଧିତ କେନ୍ଦୁଝର ମାଇନ୍ସ ଏଣ୍ଡ ଫରେଷ୍ଟ ୱାର୍କରସ ୟୁନିୟନ (କେଏମ୍ଏଫଡବ୍ଲ୍ୟୁୟୁ)ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଶ୍ରମିକ ଏକାଠି ହୋଇ ପୁନଃ ନିଯୁକ୍ତି ଦାବି କରିଥିଲେ। ୟୁନିୟନର କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ମହାନ୍ତଙ୍କ ଅଧ୍ୟକ୍ଷତାରେ ୟୁନିୟନର ସମ୍ପାଦକ କପିଳ ମହାନ୍ତି, ଉପ ସଭାପତି କାହ୍ନୁ ଚରଣ ସାମଲ, ବଦ୍ରୁ ଜାମା, ଶ୍ରୀହରି ଘଣା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଅଭିଯୋଗ ମୁତାବକ, ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ଦିନ ହେବ ଓଏମ୍‌ସି ଉକ୍ତ ଖଣିରେ ଠିକାଦାର ମେସର୍ସ କଳିଙ୍ଗ କମର୍ସିଆଲ କମ୍ପାନୀ ଓ ଅନ୍ୟାନ୍ୟ ଲେବର ସପ୍ଲାଇ ଠିକାଦାରଙ୍କ ଦ୍ୱାରା ଖଣି କାର୍ଯ୍ୟ କରୁଛି। ପୂର୍ବରୁ ଏସେଲ ମାଇନିଂ ଖଣି କମ୍ପାନୀ ଦ୍ୱାରା ଛଟେଇ ହୋଇଥିବା ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତିରେ ଅଗ୍ରାଧିକାର ଦେବା ପାଇଁ ଶିଳ୍ପ ବିବାଦ ଆଇନରେ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ପାଳନ କରାଯାଉନାହିଁ। ଛଟେଇ ହୋଇଥିବା ଦୁଇ ହଜାର ଶ୍ରମିକ ମଧ୍ୟରୁ ବିଭିନ୍ନ ଠିକାଦାର ଅଧୀନରେ ମାତ୍ର ଚାରି ଶହ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ଅନ୍ୟ ଶ୍ରମିକମାନେ ଏ ପର୍ଯ୍ୟନ୍ତ ନିଯୁକ୍ତି ନ ପାଇ ଭୋକ ଉପାସରେ ପଡ଼ିରହିଛନ୍ତି। ସେମାନଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଏଥିସହ ଓଭର ଟାଇମ ଡ୍ୟୁଟିରେ ଡବଲ ଦରମା ପ୍ରଦାନ, ସିକ ଲିଭ ବର୍ଷକୁ ଅଠର ଦିନ, ସମସ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ, କାର୍ଯ୍ୟ ଅନୁଯାୟୀ ଡେ ଜିଗନେସନ ପ୍ରଦାନ ଇତ୍ୟାଦି ଦାବି ନେଇ ଜିଲିଂ ଖଣି କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୟୁନିୟନର ଦାବି ଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ ଖଣି କାର୍ଯ୍ୟ ବନ୍ଦ କରାଯିବ ବୋଲି କହିଥିଲେ।

# ପଲିଥିନ ତଳେ ୫ ପ୍ରାଣୀଙ୍କ ଜୀବନ

**■ଆବାସ ଯୋଜନାରୁ ବଞ୍ଚିତ**

**■୬ ବର୍ଷ ପରେ ବି ସ୍ଥିତି ବଦଳିନି**

ପାଟଣା,୨୧।୭(ବୀରକିଶୋର ଦାଶ)

କେନ୍ଦ୍ର, ରାଜ୍ୟ ସରକାର ବାସହୀନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଗୃହ ଆବଣ୍ଟନ କରୁଛନ୍ତି। ମାତ୍ର ବହୁ ଅଯୋଗ୍ୟ ଯୋଜନାର ଲାଭ ଉଠାଉଥିବା ବେଳେ ଅନେକ ଯୋଗ୍ୟ ଏବେ ବି ପଲିଥିନ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି। ଗରିବୀ କଲ୍ୟାଣ ଯୋଜନା ଏମାନଙ୍କ ପାଇଁ ଅପହଞ୍ଚ ରହିଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟଠାରୁ ମାତ୍ର ୪ କି.ମି. ଦୂର ପାଟଣା ପଞ୍ଚାୟତ ଗୁଲୁଦୀପଶି ଗ୍ରାମ ଦ୍ୱିତୀୟ ଶିବ ନାରାୟଣପୁର ସାହିରେ ରହୁଥିବା ଟେମ୍ପ ମୁଣ୍ଡା(୪୫)ଙ୍କ କ୍ଷେତ୍ରରେ।

ପ୍ରକାଶ ଯେ, ସାହିରେ ଟେମ୍ପ ତାଙ୍କ ସ୍ତ୍ରୀ ସୋମବାରି(୩୫), ଝିଅ ସଞ୍ଜୁ(୫), ସଙ୍ଗୀତା(୪) ଓ ପୁଅ ଅମିତ(୩)ଙ୍କ ସହ ବାସ କରନ୍ତି। ରୋଜଗାର କହିଲେ ଗାଈ ଚରାଇ ବର୍ଷ ଶେଷରେ ଧାନ କି ଟଙ୍କା ପାଆନ୍ତି। ରାଶନ କାର୍ଡରୁ ମିଳୁଥିବା ୨୦ କି.ଗ୍ରା. ଚାଉଳ ହିଁ ସାହା ଭରସା। ଦମ୍ପତି ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ପଲିଥିନ



ପାଲ ଛପର ଘର ନିକଟରେ ପରିବାର ସହ ଟେମ୍ପ।

କୁଡ଼ିଆ କରି ପିଲାଙ୍କୁ ଧରି ସନ୍ତସନ୍ତିଆ, ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହୁଛନ୍ତି। ମଶାମାଛି, ଜଙ୍ଗଲୀ ପୋକ ଜୋକ, ଲଟା ବୁଦା ଘେରା ମଧ୍ୟରେ ଦୟନୀୟ ଅବସ୍ଥାରେ ପଲିଥିନ ତଳେ ୫ ପ୍ରାଣୀ କୁଟୁମ୍ବ ଜୀବନ ନିର୍ବାହ କରୁଛନ୍ତି। ଉକ୍ତ କୁଡ଼ିଆରେ ରୋଷେଇ ବି କରନ୍ତି। ଟେମ୍ପଙ୍କ ଅଜା ଶିବ ଓ ଆଈ ସୁନୁକା ଉକ୍ତ ସ୍ଥାନରେ ରହୁଥିଲେ। ସେମାନଙ୍କ ଦେହାନ୍ତ ପରେ ଡୁମୁରିଆରୁ ଆସି ନାତି ଓ ନାତୁଣୀ ବୋହୂ ଅବସ୍ଥାନ କରୁଛନ୍ତି। ଶିବ ମୁଣ୍ଡାଙ୍କ ସମ୍ପର୍କରେ ୬ ବର୍ଷ ପୂର୍ବେ 'ପଲିଥିନ ତଳେ ଜୀବନ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ତା'ପରେ ସେ ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରିଥିଲେ। ତାଙ୍କ ଦେହାନ୍ତ ପରେ ୪ ଡିସିମିଲ ଜଙ୍ଗଲ ଜମି ପଟ୍ଟା ଟେମ୍ପଙ୍କୁ ମିଳିଛି। ମାତ୍ର ଆଜି ପର୍ଯ୍ୟନ୍ତ ଆବାସ ମିଳିପାରିନାହିଁ। ଗ୍ରାମର ପୂର୍ବତନ ୱାର୍ଡମେମ୍ବର କ୍ଷେତ୍ର ମୋହନ ନାଏକ ଏହି ଗରିବ ପରିବାରକୁ ଆବାସ ଯୋଜନାରେ ଘର ଖଣ୍ଡେ ସହ ଶୌଚାଳୟ ଓ ପାନୀୟ ଜଳ ଯୋଗାଇଦେବାକୁ ଦାବି କରିଛନ୍ତି। ବଡ଼ ପାଟଣା ସରପଞ୍ଚ ବିନତି ବାନାରା କହିଛନ୍ତି, ସେ ଆବାସ ଯୋଜନାରେ ଆବେଦନ କରି ନ ଥିଲେ। ପଞ୍ଚାୟତ ତରଫରୁ ଲୋକ ପଠାଇ ଦରଖାସ୍ତ କରାଇବା ପାଇଁ ଉଦ୍ୟମ କରାଯାଇଥିଲେ ହେଁ ତାଙ୍କୁ କର୍ମଚାରୀ କେତେବେଳେ ବି ଘରେ ପାଇ ନ ଥାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଗୃହ ତ ଆବଣ୍ଟନ ସରିଛି। ସେ କିଭଳି ବିଜୁ ପକ୍କା ଗୃହରୁ ଘରଟିଏ ପାଇପାରିବେ ସେ ନେଇ ବ୍ୟବସ୍ଥା କରିବେ ବୋଲି କହିଥିଲେ।

## ପୋଖରୀରେ ପଡ଼ି ଶିଶୁ ମୃତ

ଚାନ୍ଦବାଲି, (କିଶାନ ପାତ୍ର)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଭୂଇଁବୃତି ଗାଁରେ ପୋଖରୀରେ ପଡ଼ି ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଉଛନ୍ତି ଗାଁର ତପନ ସେଠୀଙ୍କ ପୁଅ ସୌମ୍ୟରଞ୍ଜନ(୩)। ସେ ଘର ନିକଟରେ ଖେଳୁଥିବା ସମୟରେ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ସଂକ୍ଷେପରେ

### ବିଶୃଙ୍ଖଳିତ ଆଚରଣ ପାଇଁ ଶିକ୍ଷକ ନିଲମ୍ବିତ

ଠାକୁରମୁଣ୍ଡା,୨୧।୭ (ତାରାକାନ୍ତ ପଟ୍ଟନାୟକ): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ହାତୀଗୋଡ଼ା ପଞ୍ଚାୟତ ଅସନକୁଦ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ବିଶୃଙ୍ଖଳିତ ଆଚରଣ ପାଇଁ ନିଲମ୍ବିତ ହୋଇଛନ୍ତି। ସହକାରୀ ଶିକ୍ଷକ ସାରଙ୍ଗଧର ସେଠୀ ଗତ ସୋମବାର ବିଦ୍ୟାଳୟକୁ ଯିବା ବାଟରେ ରାସ୍ତାରେ ପଡ଼ିଥିଲେ। ସେ ଚାଲିବାକୁ ସକ୍ଷମ ନଥିବା ବେଳେ ଉକ୍ତ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଉକ୍ତ ଘଟଣାକୁ ଆଧାର କରି ବିଇଓ ରାମଚନ୍ଦ୍ର ନାଏକ ଚିଠି (ନଂ. ୧୦୫୪/୨୧ ଜୁଲାଇ ୨୩ )ରେ ନିଲମ୍ବିତ କରିଛନ୍ତି। ବିଇଓଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ବିଦ୍ୟାଧର ବେହେରାଙ୍କୁ ବାବୁ ଜଗଜ୍ଜୀବନ ରାମ ସମ୍ମାନ



କେନ୍ଦୁଝର,୨୧।୭ (ନରେଶ ପଟ୍ଟନାୟକ): ବାବୁ ଜଗଜୀବନ ରାମ କଳା ସଂସ୍କୃତି ଓ ସାହିତ୍ୟ ଏକାଡ଼େମୀ, ନୂଆଦିଲ୍ଲୀ ପକ୍ଷରୁ କେନ୍ଦୁଝରର ଅବସରପ୍ରାପ୍ତ ପ୍ରାଧାପକ ଡ. ବିଦ୍ୟାଧର ବେହେରାଙ୍କୁ ବାବୁ ଜଗଜୀବନ ରାମ ଜାତୀୟ ସମ୍ମାନ- ୨୦୨୩ ପ୍ରଦାନ କରାଯାଇଛି। ସମାଜର ତଳସ୍ତରରେ ଥିବା ବ୍ୟକ୍ତିମାନଙ୍କ ଉନ୍ନତି ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନର ସ୍ୱୀକୃତି ସ୍ୱରୂପ ଜାତୀୟ ସମର୍ପଣ ଦିବସ -୨୦୨୩ ପାଳନ ଅବସରରେ ନୂଆଦିଲ୍ଲୀ ବଲବୀର ସିଂ ମାର୍ଗସ୍ଥିତ ମୁକ୍ତଧାରା ପ୍ରେକ୍ଷାଳୟରେ ତାଙ୍କୁ ସମ୍ମାନିତ କରାଯାଇଛି। ଡ. ବେହେରା ଦୀର୍ଘ ବର୍ଷ ହେଲା ବିଭିନ୍ନ ସଂଗଠନ ସହିତ ଜଡ଼ିତ ରହି ଜନସେବାରେ ନିଜକୁ ସମର୍ପି କାମ କରିଆସୁଛନ୍ତି।

### ସ୍କୁଟି ସହ ମଦ ଜବତ

ରୂପସା,୨୧।୭(ବାଞ୍ଛାନିଧି ଦେ) ବାଲେଶ୍ୱର ୧୬ନଂ. ଜାତୀୟ ରାଜପଥର ବସ୍ତା ଥାନା ନଳବାହାର ନିକଟରେ ବୁଧବାର ବିଳମ୍ବିତ ରାତିରେ ବସ୍ତା ଅବକାରୀ ଥାନା ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ସ୍କୁଟି ସହ ବିପୁଳ ପରିମାଣରେ ବିଦେଶୀ ମଦ ଜବତ ସହ ଅଭିଯୁକ୍ତ ମଦବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରୂପସା ଥାନା ଆଙ୍କୋ ଗ୍ରାମର ବିଷ୍ଣୁପଦ ବେହେରା। ତାଙ୍କଠାରୁ ମଦ ଜବତ ହୋଇଛି। ଏ ସଂକ୍ରାନ୍ତରେ ଅବକାରୀ ଥାନାରେ ଏକ ମାମଲା (ନଂ. ୫୫/୨୩-୨୪) ରୁଜୁ ହୋଇ ଗୁରୁବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଖବରପାଇ ଅବକାରୀ ଥାନା ଓଆଇସି ସୁରଜ କୁମାର ଟିଗାଙ୍କ ନେତୃତ୍ୱରେ ଏଏସ୍ଆଇ ପିଙ୍କି ମାରାଣ୍ଡି ଓ କନଷ୍ଟେବଲ ସଞ୍ଜୟ ସିଂ ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଟ୍ରକ୍ ଧକ୍କାରେ ଭଉଣୀ ମୃତ, ଭାଇ ଗୁରୁତର

ବାଲେଶ୍ୱର,୨୧।୭(ମାନସ ବିଶ୍ୱାଳ)- ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ରେମୁଣା ବାଇପାସ୍ ନିକଟରେ ଶୁକ୍ରବାର ସକାଳେ ଟ୍ରକ୍ ଧକ୍କାରେ ଜଣେ ଭଉଣୀଙ୍କ ମୃତ୍ୟୁ ହୋଇଥିବା ତାଙ୍କ ଭାଇ ଗୁରୁତର ହୋଇଛନ୍ତି। ମୃତ ଯୁବତୀ ଜଣକ ହେଲେ ମୟୂରଭଞ୍ଜ ଜିଲା ଚକଦର ଅଞ୍ଚଳର ବିଦ୍ୟୁତପ୍ରଭା ନାଏକ। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଶିଳ୍ପାଞ୍ଚଳ ଥାନା ପୋଲିସ ଓ ରେମୁଣା ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ।

### ୬ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୨୧।୭(ରବିନାରାୟଣ ପାତ୍ର)- ଉତ୍ତର ବାଲେଶ୍ୱରରର ସର୍ବପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟର ୬ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟ ସଭା କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧକ୍ଷ ଦିଲୀପ କୁମାର ପଣ୍ଡା ଅଧକ୍ଷତା କରି ଶିକ୍ଷାର୍ଥୀମାନଙ୍କ କୃତିତ୍ୱ ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରିଶ୍ରମର ଫଳ ମିଳିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧକ୍ଷ ରାଧାରଞ୍ଜନ ସେନାପତି ଓ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧାପକ ବିଭୂତି କୁମାର ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଅଜୟ କୁମାର ମହାପାତ୍ର, ସୁକାନ୍ତ କୁମାର ଦାସ, ଡ. ହିମାଂଶୁ କୁମାର ସାମଲ, ସନ୍ନ୍ୟାସୀ ଚରଣ ପାତ୍ର ପ୍ରମୁଖ ଯୋଗଦେଇ ଜଣେ ଶିକ୍ଷାର୍ଥଙ୍କ ସଫଳତାଠାରୁ ସୁନାଗରିକର ଆବଶ୍ୟକତା ଅଧିକ ବୋଲି କହିଥିଲେ। ଅଧାପକ ଧନେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ ଗୁମର ଖୋଲିଲେ ବ୍ୟବସାୟୀ

ବାଲେଶ୍ୱର,୨୧।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନାର ଆଇଆଇସି ଗଣେଶ୍ୱର ପ୍ରଧାନ ଓ ଏଏସ୍ଆଇ ପ୍ରଦୀପ କୁମାର ମହାନ୍ତି ଜଣେ ମଦ ବ୍ୟବସାୟୀଙ୍କଠାରୁ ମାସିକିଆ ବଟି ନେଉଥିବା ବେଳେ ଗତ ୧୯ ତାରିଖରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏନେଇ ଭିଜିଲାନ୍ସ ମାମଲା (ନଂ. ୧୮।୨୩) ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍ପି ନରହରି ନାୟକ ସୂଚନା ଦେଇଥିଲେ। ଅନ୍ୟପଟରେ ପୋଲିସର ଅଧିକାରୀମାନେ ଟଙ୍କା ପାଇଁ ମାନସିକ ଚାପ ଦେବା ସହ ବାରମ୍ବାର ବାଧ କରୁଥିଲେ। ପୋଲିସ ଅଧିକାରୀଙ୍କ ମଧରେ ଡିଏସ୍ପି, ଆଇଆଇସି, ଏସ୍ଆଇ, ଏଏସ୍ଆଇ, ଆଇଆଇସିଙ୍କ ଡ୍ରାଇଭର ସାମିଲ ଥିବା ଶୁକ୍ରବାର ଅପରାହ୍ନରେ ଘରୋଇ ହୋଟେଲ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ୟବସାୟୀ ନବ କୁମାର ରାୟ ପ୍ରକାଶ କରିଛନ୍ତି।

ବିଗତ ଦୁଇବର୍ଷ ଧରି ସରକାରଙ୍କ ନୀତି ନିୟମ ଅନୁସାରେ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ନିଲାମ ମାଧ୍ୟମରେ ନେଇ ବଳରାମଗଡ଼ି ଓ ପାତ୍ରପଡ଼ାରେ କରିଆସୁଥିବା ବେଳେ ବିଭିନ୍ନ ଆଳ ଦେଖାଇ ସଦର ଏବଂ ଚାନ୍ଦିପୁର ଥାନାର ଅଧିକାରୀମାନେ ମାସିକିଆ ବଟି ସହ ବିଭିନ୍ନ ସମୟରେ ଦାମୀ ମଦ ମାଗୁଥିଲେ। ମଦ ଦୋକାନରେ କାର୍ଯ୍ୟରତ ଜଣେ ଯୁବକ ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବାକୁ ନେଇ ପୋଲିସ ଆକ୍ରୋଶମୂଳକ ଉକ୍ତ ମାମଲାରେ ବ୍ୟବସାୟୀ ଶ୍ରୀ ରାୟଙ୍କୁ ସାମିଲ କରାଇ ଗିରଫ କରିଥିଲେ। ନିର୍ଦ୍ଦୋଷ ବୋଲି ପୋଲିସକୁ ସମସ୍ତ ପ୍ରମାଣ ଦେବା ପରେ ମଧ କୌଣସି କଥାକୁ ଗ୍ରହଣ ନ କରି ଅନ୍ୟାୟ ପୂର୍ବକ



ଖବରଦାତା ସମ୍ମିଳନୀରେ ବ୍ୟବସାୟୀ ନବ କୁମାର ରାୟ।

କୋର୍ଟ ଚାଲାଣ କରିଥିଲେ। ଅନ୍ୟପଟରେ ବ୍ୟବସାୟକୁ ନେଇ ବାରମ୍ବାର ବଟି ମାଗିବା, ପ୍ରତିମାସ ବଟିର ପରିମାଣ ବୃଦ୍ଧି କରିବା, ପ୍ରତିଦିନ ମଦ ମାଗିବା ଭଳି ଉଭୟ ଥାନାର ଅଧିକାରୀଙ୍କଠାରୁ ଆରମ୍ଭ କରି ଡ୍ରାଇଭର ପର୍ଯ୍ୟନ୍ତ କରିଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଭିଜିଲାନ୍ସ ଚାନ୍ଦିପୁର ଥାନାର ଦୁଇ ଅଧିକାରୀଙ୍କୁ ଟଙ୍କା ନେଉଥିବା

**ବଟି ନେଇ ଭିଜିଲାନ୍ସ ଦ୍ୱାରା ୨ପୋଲିସ ଅଧିକାରୀ ଗିରଫ ହେବା ଘଟଣା**

ବେଳେ ଗିରଫ କରିଥିଲା। ପ୍ରକୃତରେ ଉକ୍ତ ଥାନାର ଅନ୍ୟ ଜଣେ ଅଧିକାରୀ ବର୍ତ୍ତି ଯାଇଛନ୍ତି। ତାଙ୍କ ବିରୋଧରେ ବହୁ ପ୍ରମାଣ ସହ କଲ୍ ରେକର୍ଡ଼, ଟଙ୍କା ଦେବାନେବାର କଥାବର୍ତ୍ତା, ଭିଡ଼ିଓ, ହ୍ୱାଟ୍ସଆପ୍ ଚାଟିଂ ସଂଗ୍ରହ କରି ଦେଖାଇ ଥିଲେ ଏବଂ ତାଙ୍କ ଠାରୁ କିପରି ଭାବେ ଟଙ୍କା ଲୁଟୁଥିଲେ ସମସ୍ତ ଘଟଣା ପ୍ରକାଶ କରିଥିଲେ। ଉକ୍ତ ଅଧିକାରୀଙ୍କ ବିରୋଧରେ ପୋଲିସ ବିଭାଗର ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ଯଦି କୌଣସି ଅଘଟଣ ଘଟେ ତେବେ ପୋଲିସ ଦାୟୀ ରହିବ ବୋଲି ଖବରଦାତା ସମ୍ମିଳନୀରେ ବ୍ୟବସାୟୀ ରାୟ ପ୍ରକାଶ କରିଛନ୍ତି।

## ଶ୍ରାଦ୍ଧବାର୍ଷିକୀରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିମୂର୍ତ୍ତି ଅନାବରଣ



ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

ଧାମନଗର, ୨୧।୭(ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆଢ଼ିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ସ୍ୱର୍ଗତ ପୀତାମ୍ବର ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତିସଭା ଏନ୍ଏସି ଅଧୀନ କାଙ୍କରାସ୍ଥିତ ଜଗନ୍ନାଥ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ପ୍ରତିମୂର୍ତ୍ତି ଅନାବରଣ ସହ ରକ୍ତଦାନ ଶିବିରରେ ୫୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଉଦ୍‌ଘାଟକ ଭାବେ ବିଧାୟକ ବ୍ୟୋମକେଶ ରାୟ, ମୁଖ୍ୟଅତିଥି ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବରେଣ୍ୟ ଅତିଥି ବିଧାୟକ ପ୍ରଫୁଲ୍ଲ ସାମଲ ଓ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଣୀକବି ଦୟାନିଧି ମିଶ୍ର, ସତ୍ୟପ୍ରକାଶ ସେଠୀ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବ୍ଲକ ବିଜେଡି ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଡା. ସଞ୍ଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସ୍ମରଣିକା 'ସ୍ମୃତିର ଅନ୍ତରାଳେ ପୀତାମ୍ବର' ଉନ୍ମୋଚିତ ହୋଇଥିଲା। ଶିକ୍ଷକ ଅକ୍ଷୟ ହୋତା ସଭା ସଞ୍ଚାଳନ, ହେମନ୍ତ ସୁତାର ମଞ୍ଚ ଆହ୍ୱାନ କରିଥିବା ବେଳେ ଓ ସୁଶାନ୍ତ ରାଉତ ଅତିଥି ପରିଚୟ ଦେଇଥିଲେ। ରବୀନ୍ଦ୍ର ପାତ୍ର, ଲକ୍ଷ୍ମୀଧର ପାତ୍ର, ଅରୁଣ ଉଦୟ ପାତ୍ର ସହଯୋଗ କରିଥିବା ବେଳେ ପର୍ଶୁରାମ ପାତ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ଜଗଦୀଶ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଭାଗୀୟ ସମନ୍ୱୟ ରହିଲେ ହାତୀ ମୃତ୍ୟୁ ରୋକାଯାଇପାରିବ

**ବନ ବିଭାଗ ଓ ରେଳ ମନ୍ତ୍ରଣାଳୟର ସଚେତନତା କାର୍ଯ୍ୟକ୍ରମ**

ଯୋଡ଼ା,୨୧।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡ଼ା ବନପାଳ ଅଧୀନ ତଥା ଦକ୍ଷିଣ-ପୂର୍ବ ରେଳପଥ ଜୁରୁଡ଼ି ରେଳଷ୍ଟେସନର ରନିଂ ରୁମ୍‌ରେ ଶୁକ୍ରବାର ରେଳ ମନ୍ତ୍ରଣାଳୟ ଓ ବନ ବିଭାଗର ମିଳିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନରାଜ ବନ୍ୟପ୍ରାଣୀ ସୁରକ୍ଷା ନେଇ ଉପସ୍ଥିତ ରେଳ ଓ ବନବିଭାଗ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଉଭୟ ବିଭାଗ ସଜାଗ ହେଲେ ଟ୍ରେନ୍ ଦୁର୍ଘଟଣା ଜନିତ ହାତୀ ମୃତ୍ୟୁ ରୋଗିବା ସମ୍ଭବ ହୋଇପାରିବ ବୋଲି କହିଥିଲେ।



ରେଳ ମନ୍ତ୍ରଣାଳୟ ଓ ବନ ବିଭାଗ କର୍ମଚାରୀ।

ଡିଏଫ୍‌ଓ ସଚେତନ କରି କହିଥିଲେ, ରେଳ ଧାରଣା ନିକଟସ୍ଥ ଅଞ୍ଚଳରେ ହାତୀ ଉପସ୍ଥିତି ନେଇ ବନ ବିଭାଗ ପକ୍ଷରୁ ଦିଆଯାଉଥିବା ରିପୋର୍ଟକୁ ଧ୍ୟାନ ଦେଇ ଟ୍ରେନ୍‌ର ଗତିକୁ ନିୟନ୍ତ୍ରଣରେ ରଖିବା, ରେଳ ଧାରଣା ଦେଇ ହାତୀ ଅତିକ୍ରମ ପାଇଁ ଲଗାଯାଇଥିବା ସାଇନ ବୋର୍ଡକୁ ବଡ଼ ଆକାରରେ ଲଗାଯିବା, ଟ୍ରେନ୍‌ର ଲାଇଟ୍‌କୁ ଅଧିକ କ୍ଷମତା ସମ୍ପନ୍ନ କରିବା, ଜିପିଏସ ଲୋକେସନ ମାଧ୍ୟମରେ ହାତୀ ପଲଙ୍କ ଅବସ୍ଥିତି ନେଇ ବନବିଭାଗ ପକ୍ଷରୁ ମୋବାଇଲ ମାଧ୍ୟମରେ କରାଯାଉଥିବା ରିପୋର୍ଟକୁ ଧ୍ୟାନଦେବା ପ୍ରଭୃତ ଦିଗରେ ବିଭାଗୀୟ କର୍ମଚାରୀଙ୍କୁ ଅବଗତ କରାଇବା ସହିତ କସନ କ୍ଲିଅର, ଟ୍ରାକ୍ କ୍ଲିଅର, ସିଗ୍‌ନାଲ କ୍ଲିଅର, ଅଣ୍ଡର ପାସ, ଏଲିଫ୍ୟାଣ୍ଟ ବିହାବିୟୋର୍, ଟ୍ରେଞ୍ଚ ଓ ସୋଲାର ଫେନ୍ସିଂ ପ୍ରଭୃତି ବିଭିନ୍ନ ପଦକ୍ଷେପ ଅବଲମ୍ବନ ଉପରେ ଆଲୋଚନା କରିଥିଲେ। ଏସିଏଫ୍ ଜିତେନ୍ଦ୍ର ବୈଦ୍ୟ, ଅଶୋକ ଦାସ, ବଡ଼ବିଲ ରେଞ୍ଜର ରଞ୍ଜନ କାର୍ଲୋ, ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ, ଯୋଡ଼ା ବନପାଳ ତ୍ରିନାଥ ଜେନା, ଦକ୍ଷିଣ-ପୂର୍ବ ରେଳପଥର ଡାଙ୍ଗୁଆପୋଷି ଆସିଷ୍ଟାଣ୍ଟ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଆଶିଷ କୁମାରଙ୍କ ସମେତ ବହୁ ରେଳ କର୍ମଚାରୀ ଉପସ୍ଥିତ ଥିଲେ।

## ନବନିଯୁକ୍ତ ବିଜେଡି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ରେମୁଣା,୨୧।୭(ରବୀନ୍ଦ୍ର ମହାକୁଡ଼)

ବିଜେଡିର ନବଗଠିତ ବାଲେଶ୍ୱର ଜିଲା କମିଟିରେ ରେମୁଣା ବ୍ଲକର ଦଳୀୟ ନେତୃବୃନ୍ଦଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଦିଆଯାଇଥିବାରୁ ରେମୁଣା-ସେରଗଡ଼ ଆଞ୍ଚଳିକ କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସେରଗଡ଼ ପଞ୍ଚାୟତ ବିଜେଡି ସଭାପତି ମହେଶ୍ୱର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇଥିଲେ।

ସେରଗଡ଼, ନୂଆଗାଁ, ବିରଆଁ, ବରୁଣସିଂ ପ୍ରଭୃତି ୪ଟି ପଞ୍ଚାୟତକୁ ନେଇ ଗଠିତ ସେରଗଡ଼ ଆଞ୍ଚଳିକ ବିଜେଡି କମିଟି ପକ୍ଷରୁ ନବଗଠିତ ଜିଲା କମିଟିର ବରିଷ୍ଠ ଉପ-ସଭାପତି ପ୍ରଭାତ କୁମାର ବିଶ୍ୱାଳ, ଉପ-ସଭାପତି ନଳିନୀ କୁମାର ପଣ୍ଡା, ସାଧାରଣ ସମ୍ପାଦକ କିଶୋର ମିଶ୍ର, ସମ୍ପାଦକ ମନୋରଞ୍ଜନ ରାଉତଙ୍କୁ ଶୁଭେଚ୍ଛା ଜ୍ଞାପନ ସହିତ ଉତ୍ତରୀୟ, ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉତ୍ସବରେ ୩୭ନଂ. ଜୋନ୍‌ର ଜିଲାପରିଷଦ ସଭ୍ୟା କଲ୍ୟାଣୀ ବାରିକ, ସେରଗଡ଼ ସରପଞ୍ଚ ଦୟାନିଧି ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ବାରିକ ଓ ରବୀନ୍ଦ୍ର ମହାକୁଡ଼, ପୂର୍ବତନ ସମିତିସଭ୍ୟ ଦିଲ୍ଲୀପ କୁମାର ଦାସ, ବରୁଣସିଂ ସେବା ସମବାୟ ସମିତି ସଭାପତି ପ୍ରବୀର ଦାସଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ବରିଷ୍ଠ କର୍ମୀମାନେ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ରବି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେରଗଡ଼ର ନାଏବ ସରପଞ୍ଚ ମନୋରମା ରାଉତ, ଉର୍ମିଳା ବେହେରା, ରଞ୍ଜିତା ସାସମଲ, ରଞ୍ଜିତା ନାୟକ, ବଂଶୀଧର ଦାସ, ଶଶୀକାନ୍ତ ବାରିକ, ପଣ୍ଡିତ ସତ୍ୟବ୍ରତ ମିଶ୍ର ପ୍ରମୁଖ ଉତ୍ସବ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

## ପୋଲିସ ମୁଖ୍ୟ କାର୍ଯ୍ୟାଳୟରୁ ମହିଳାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦେଲେ

କେନ୍ଦୁଝର,୨୧।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ଡାହାଣୀ ସନ୍ଦେହରେ ହତ୍ୟାର ଶିକାର ଲୋକଙ୍କ ସ୍ମୃତିରେ ନିର୍ମାଣ ହୋଇଥିଲା**

ଜିଲା ପୋଲିସ ମୁଖ୍ୟାଳୟରେ ଡାହାଣୀ ସନ୍ଦେହରେ ହତ୍ୟା କରାଯାଇଥିବା ଲୋକଙ୍କୁ ମନେ ପକାଇବା ପାଇଁ ନିର୍ମାଣ ହୋଇଥିବା ସ୍ମୃତିସ୍ଥଳକୁ ଭାଙ୍ଗିଦିଆଯାଇଛି। ଏହି ସ୍ଥାନରେ ଆଗରୁ ଥିବା ବଡ଼ ବଡ଼ ସବୁଜ ଗଛକୁ କଟାଯିବା ନେଇ ସେ ସମୟରେ ପରିବେଶପ୍ରେମୀ ମାନେ ପ୍ରତିବାଦ କରିଥିଲେ। ଏହାସତ୍ତ୍ୱେ ଉକ୍ତ ସ୍ଥାନରେ ଗୁଣିଗାରେଡ଼ି, ଡାହାଣି ଆଦି କାରଣରୁ ହତ୍ୟା ବା ଆକ୍ରମଣର ଶିକାର ହୋଇଥିବା ନୀରିହ ଲୋକଙ୍କୁ ସମ୍ମାନ ଜଣାଇବା ପାଇଁ ସ୍ମୃତିସ୍ଥଳ ନିର୍ମାଣ କରାଯାଇଥିବାରୁ ଅନେକ ସ୍ୱାଗତ କରିଥିଲେ। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସ୍ମୃତି ସ୍ଥଳରେ ଏକ ଗ୍ରାନାଇଟ ପଥରରେ ନିର୍ମିତ ୧୦ ଫୁଟରୁ ଉଚ୍ଚ ଏକ ମହିଳାଙ୍କ ମୂର୍ତ୍ତି ହୋଇଥିଲା। ଏହା ଚାରିପାଖରେ ଡାହାଣି ସନ୍ଦେହରେ ମୃତ୍ୟୁବରଣ କରିଥିବା ଲୋକଙ୍କ ନାମ ଲେଖାଯାଇ ସେମାନଙ୍କୁ ସମ୍ମାନ ଜଣାଯାଇଥିଲା। ମାତ୍ର ଏବେ ତାହା ଭାଙ୍ଗାଯିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ୨୦୧୯ ଫେବୃଆରୀ ୨୭ରେ ତତ୍କାଳିନ ଡିଜି ଆର.ପି ଶର୍ମା ଏହାକୁ ଉଦ୍‌ଘାଟନ କରିଥିଲେ। ତତକାଳିନ ଡିଆଇଜି (ପଶ୍ଚିମାଞ୍ଚଳ) କବିତା ଜାଲାନ, ଏସପି ଜୟନାରାୟଣ ପଙ୍କଜ ଓ ଜିଲାପାଳ ଆଶୀଷ ଠାକରେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସମୟରେ ଗୁଣିଗାରେଡି ଯୋଗୁ ପୀଡ଼ିତା ହୋଇଥିବା ଏବଂ ଡାହାଣୀ ଆଖ୍ୟା ଦେଇ ପ୍ରତାଡ଼ିତ ହୋଇଥିବା ପୀଡ଼ିତାଙ୍କ ସହିତ ବରିଷ୍ଠ ଅଧିକାରୀ ଏକାଠି ବସି ଖାଇ ସେମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ମଧ୍ୟରେ ଥିବା ଭୟ, ଦୁଃଖ ଦୂର କରିବା ପାଇଁ ପ୍ରୟାସ କରାଯାଇଥିଲା। ଏହା ଛଡ଼ା ଗୁଣିଗାରେଡ଼ି ପ୍ରପୀଡ଼ିତ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨୦୧୯ ପର୍ଯ୍ୟନ୍ତ ୧୦ ବର୍ଷ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଡାହାଣୀ ସନ୍ଦେହ ହତ୍ୟା ହୋଇଥିବା ବେଳେ ପରେ ଏହା କମିଥିଲା। ଉକ୍ତ ପ୍ରତିମୂର୍ତ୍ତି ଭାଙ୍ଗିବା ଦ୍ୱାରା ଅର୍ଥ ଅପବ୍ୟୟ ହେବା ସହ ଏକ ବିରଳ ସ୍ମୃତି ହଜିଗଲା। ଏହା ଦ୍ୱାରା ଯେଉଁମାନଙ୍କ ନାମ ଥିଲା ସେମାନଙ୍କ ପରିବାର ମାନେ ମଧ୍ୟ କ୍ଷତିଗ୍ରସ୍ତ ହେଲେ। ଏହାର ବିଚାର କରି ଭାଙ୍ଗାଯାଇଥାନ୍ତା କିମ୍ବା ସ୍ଥାନାନ୍ତରିତ କରାଯାଇଥାନ୍ତା ବୋଲି ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତ ବତ୍ସଳ ମହାନ୍ତି କହିଛନ୍ତି। ଜିଲାରେ ଗୁଣିଗାରେଡ଼ି ବା ଡାହାଣି ସନ୍ଦେହରେ ବିଶେଷ କରି ଆଦିବାସୀ ଅଞ୍ଚଳରେ ଅଧିକ ଦେଖାଦେଇଥାଏ। ଗତ କିଛି ବର୍ଷ ହେଲା ଜନ ସଚେତନତା ତଥା ଶିକ୍ଷାର ବିକାଶ କାରଣରୁ ଏଭଳି ଅପରାଧ କମିଛି। ତଥାପି ଏଭଳି ଏକ ସ୍ମୃତି ସ୍ଥଳକୁ ଭଙ୍ଗା ଯିବା ଫଳରେ ଆର୍ଥିକ କ୍ଷତି ହେବା ସହ ଯେଉଁମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା ସେମାନଙ୍କୁ ଦୁଃଖିତ କରିବ ବୋଲି ଅବସରପ୍ରାପ୍ତ ପ୍ରଧାପକ ଡକ୍ଟର ବିଦ୍ୟାଧର ବେହେରା ମତବ୍ୟକ୍ତ କରିଛନ୍ତି। ଏ ନେଇ ଅତିରିକ୍ତ ଏସ୍‌ପି ବି.ଏନ.ଦେହୁରୀ କହିଛନ୍ତି, ଏଠାରେ ଘର ନିର୍ମାଣ କରିବା ପାଇଁ ସ୍ମୃତି ସ୍ଥଳକୁ ଭାଙ୍ଗି ଦିଆଯାଇଛି।

## 'ନ୍ୟାୟ ନ ମିଳିଲେ ଆଇନଶୃଙ୍ଖଳା ପାଇଁ ଦାୟୀ ରହିବେ ସରକାର'

ଭୋଗରାଇ,୨୧।୭(ପ୍ରଦୀପ ଦାସ)

**କଂଗ୍ରେସର ରଣହୁଙ୍କାର**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଭାବେ ହେରଫେର ହୋଇଛି। ଅଯୋଗ୍ୟ ହିତାଧିକାରୀମାନେ ଏଥିରୁ ଉପକୃତ ହେଉଥିବା ବେଳେ ଯୋଗ୍ୟ ହିତାଧିକାରୀମାନେ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏଭଳି ସ୍ଥିତିରେ କଂଗ୍ରେସ ପାଟି ଚୁପ୍ କରି ବସିବ ନାହିଁ। ଭୋଗରାଇ ନିର୍ବାଚନମଣ୍ଡଳୀର କଂଗ୍ରେସ ଶାଖା ପକ୍ଷରୁ ବୁଧବାର ବ୍ଲକ ଅଫିସ ସମ୍ମୁଖରେ ଗଣ ସତ୍ୟାଗ୍ରହରେ କଂଗ୍ରେସ ନେତାମାନେ ଏଭଳି ରଣହୁଙ୍କାର ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ଜିଲାପ୍ରଶାସନ ଯୋଗ୍ୟ ହିତାଧିକାରୀଙ୍କୁ ୧୦ଦିନ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଇ ନ ଦେଲେ ଭୋଗରାଇ ଜନସାଧାରଣ ନ୍ୟାୟ ପାଇଁ ଗଣ ଆନ୍ଦୋଳନ କରିବା ସହିତ ଆଇନଶୃଙ୍ଖଳା ପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଭୋଗରାଇ କଂଗ୍ରେସ ଶାଖା ସଭାପତି ଆଶିଷ କୁମାର ପାତ୍ରଙ୍କ ପୌରୋହିତ୍ୟରେ ପ୍ରଦେଶ କଂଗ୍ରେସ ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସ, କଂଗ୍ରେସ ନେତା ସତ୍ୟଶିବ ଦାସ, ସନ୍ତୋଷ କୁମାର ଜେନା, ଗୋପବନ୍ଧୁ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ପାତ୍ର, ସୁମନ୍ତ ବେହେରା, ଶମ୍ଭୁନାଥ ମାଝି, ଦୀପେଶ ଚନ୍ଦ୍ର ରାୟ, ରାଜେନ୍ଦ୍ର ପଣ୍ଡା, ଶିଶିର ଦାସ ମହାପାତ୍ରଙ୍କ ସହ ୫୦ ପଞ୍ଚାୟତର ଛାମୁଆ ନେତା ଓ ୩ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ନାରାବାଜି ପ୍ରଦର୍ଶନ କରିଥିଲେ। ବ୍ଲକ ପ୍ରଶାସନ ଦାବିପତ୍ର ଗ୍ରହଣ କରିବାରେ ବିଳମ୍ବ କରିବାରୁ ଆନ୍ଦୋଳନକାରୀମାନେ ଉତ୍ତେଜିତ ହୋଇ ବ୍ଲକର ବନ୍ଦ ଥିବା ମୁଖ୍ୟ ଫାଟକକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ୬ବର୍ଷ ହେଲା ସରୁନି କାମ

ତିହିଡ଼ି,୨୧।୭ (ସଞ୍ଜିତ୍ ବଳ)

**■ଅସମ୍ପୂର୍ଣ୍ଣ ଦୋଳସାହି-ବିଲଣା ରାସ୍ତା**
**■ଦୁର୍ଦ୍ଦଶା ଭୋଗୁଛନ୍ତି ୬ ପଞ୍ଚାୟତର ଲୋକେ**

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ଦୋଳସାହି ବଜାରରୁ ବିଲଣା ଯାଏ ଯାଇଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ପୂର୍ତ୍ତ ବିଭାଗ ଅଧୀନ ତିହିଡ଼ି ବ୍ଲକରେ ଥିବା ଏହି ରାସ୍ତା ନିର୍ମାଣ ପାଇଁ ୮ କୋଟି ଟଙ୍କା ବିନିଯୋଗ ହୋଇଥିଲେ ମଧ ବିଭିନ୍ନ ସ୍ଥାନରେ ରାସ୍ତା ଓ କଲଭର୍ଟ ନିର୍ମାଣ ହୋଇପାରି ନାହିଁ। ୬ବର୍ଷ ପୂର୍ବେ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଦ୍ୟାବଧି ଶେଷ ହୋଇ ନ ଥିବାରୁ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୬ ପଞ୍ଚାୟତବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି।

ଦୋଳସାହିରୁ ବିଲଣା ଯାଏ ୧୦ କି.ମି. ରାସ୍ତା ନିର୍ମାଣ ପାଇଁ ୧୦ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭିନ୍ନ ସ୍ଥାନରେ ରାସ୍ତା ନିର୍ମାଣ କରା ନ ଯାଇ ଛାଡ଼ି ଦିଆଯାଇଛି। ଗୁଆମାଳ, ତାଳପଦା, ବାରୋ, ବିଲଣା, ବୋଡ଼କ ଓ ତଳଗୋପବିନ୍ଧା ପଞ୍ଚାୟତର ଲୋକେ ଏହି ରାସ୍ତାରେ ଉପରେ ନିର୍ଭରଶୀଳ। ଭଦ୍ରକ-ଆରଡ଼ି ରାସ୍ତାକୁ ସଂଯୋଗ କରୁଥିବାରୁ ବହୁ ଲୋକ ଉକ୍ତ ରାସ୍ତା ଦେଇ ଆଖଣ୍ଡଳମଣି ପୀଠକୁ ଯାଇଥାନ୍ତି। ରାସ୍ତା ଅସମ୍ପୂର୍ଣ୍ଣ ଥିବା ସ୍ଥାନରେ ଲୋକେ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ସାରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ଡମ୍ବରୁଧର ମଣ୍ଡଳଙ୍କୁ ପଚାରିବାରୁ ରାସ୍ତା ଅସମ୍ପୂର୍ଣ୍ଣ ପାଇଁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ଦାୟୀ କରିବା ସହ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ଡକାଯାଇଥିବା କହିଛନ୍ତି।

## ଆରମ୍ଭ ହେଉନି ରାସ୍ତା ମରାମତି

ଖଇରା,୨୧।୭(ଉତ୍କଳବନ୍ଧୁ ପଣ୍ଡା)

**■ଚୁକ୍ତିର ୮ମାସ ବିତିଲା**
**■ଠିକାଦାରଙ୍କ ଉପରେ ଅଙ୍କୁଶ ଲଗାଇଲା ଗ୍ରାମ୍ୟ ଉନ୍ନୟନ ବିଭାଗ**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାର ମରାମତି ପାଇଁ କାର୍ଯ୍ୟାଦେଶ ପାଇଥିବା ଠିକାଦାର ନିର୍ଦ୍ଧାରିତ ସମୟରେ କାମ ନ ସାରିବା ଏବଂ ବର୍ଷେ ପରେ ମଧ କିଛି ରାସ୍ତାର କାର୍ଯ୍ୟ ଆରମ୍ଭ ହୋଇ ନ ପାରିବା ଯୋଗୁ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଜିଲା ନିର୍ବାହୀ ଯନ୍ତ୍ରୀଙ୍କ ପତ୍ର ସଂଖ୍ୟା ୩୨୩୨/ଆରଡବ୍ଲ୍ୟୁଡି-୨ ତା୧୦।୭।୨୩ରିଖରେ ଠିକାଦାରଙ୍କ ଉକ୍ତ କାର୍ଯ୍ୟକୁ ବାତିଲ କରାଯାଇଛି। ଏଥିସହ ବକେୟା ପ୍ରକଳ୍ପ ଅର୍ଥ ଉପରେ ୨୦ପ୍ରତିଶତ ଜରିମାନା ଧାର୍ଯ୍ୟ କରାଯାଇଛି ।

ଖଇରା ବ୍ଲକର ୬ଟି ପ୍ରଧାନମନ୍ତ୍ରୀ ସଡ଼କର ସାମୟିକ ମରାମତି ପାଇଁ ପାଖାପାଖି ୨କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ୨୦୨୨ ଅଗଷ୍ଟ (ପ୍ୟାକେଜ ନଂ. ଓଆର-୦୨-ପିଏମ୍‌ଜିଏସ୍‌ୱାଇ-(ପିଏମ୍)୧୨)ରେ ବ୍ଲକର ରାଣିତାଳ-କୁପାରୀ ପୂର୍ତ୍ତ ବିଭାଗ ରାସ୍ତାରୁ କଲ୍ୟାଣୀ, ଡୁଙ୍ଗୁରା-ଗୋଳିହା ରାସ୍ତା, ଆଳଦା-ମଳିହା, ରାଣିତାଲ ପୂର୍ତ୍ତ ବିଭାଗ ରାସ୍ତାରୁ ମୂଳାପଦା,



ଶୋଚନୀୟ ହୋଇପଡ଼ିଥିବା ମହତୀପୁର-ସୁଣ୍ଡିରାଗଣ୍ଡିବେଡ ରାସ୍ତା।

ମହତୀପୁର-ସୁଣ୍ଡିରାଗଣ୍ଡିବେଡ, ସୁଣ୍ଡିରା ଗଣ୍ଡିବେଡରୁ ଅଲିପୁର ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ଟେଣ୍ଡର ଓ ଚୁକ୍ତି ପ୍ରକ୍ରିୟା ଶେଷ ହୋଇଥିଲା। ହେଲେ ଠିକାଦାର ଜଣକ ଗୋଟିଏ ହେଲେ ରାସ୍ତା ନିର୍ଦ୍ଧାରିତ ସମୟରେ ସାରି ପାରି ନ ଥିଲେ। ଡୁଙ୍ଗୁରା-ଗୋଳିହା ଓ ପଳସା-ମଳିହା କାର୍ଯ୍ୟ ୨ମାସ ପୂର୍ବରୁ ଆରମ୍ଭ କରିଥିବା ବେଳେ ତାହା ମଧ କଛପ ଗତିରେ ଚାଲିଛି। ମହତୀପୁର-ସୁଣ୍ଡିରା ଗଣ୍ଡିବେଡ଼ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ବେଳେ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ନ ପାରିବାରୁ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନେଇ ଅଭିଯୋଗ ହେଉଛି। ରାସ୍ତାର ଅଣ୍ଡାଇଲୋ ନିକଟରେ ରାସ୍ତା କଡ଼ ଗାତ ଯାତ୍ରୀ ବିଶେଷ କରି ସ୍କୁଲପିଲାଙ୍କ ପାଇଁ ମରଣଯନ୍ତା ପାଲଟିଛି। ସେହିଭଳି ମରାମତି ଅଭାବରୁ ଅନ୍ୟ ୨ଟି ରାସ୍ତାର ମଧ ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ରାସ୍ତାଗୁଡ଼ିକ ମରାମତି ନେଇ ବାରମ୍ବାର ଅଭିଯୋଗ ହେବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ତାଗିଦ ପରେ ମଧ ଠିକାଦାର ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ପ୍ରୀତିରଞ୍ଜନ ସାମଲଙ୍କୁ ପଚାରିବାରୁ ଚିଠି ପରେ ଯଦି କାର୍ଯ୍ୟ କରନ୍ତି ତେବେ ତାଙ୍କୁ କୌଣସି ଅର୍ଥ ପ୍ରଦାନ କରାଯିବ ନାହିଁ ବୋଲି କହିଛନ୍ତି।

## ବେଆଇନ ବାଲି ବୋଝେଇ ଡମ୍ଫର ଜବତ

ବାଲିଆପାଳ,(ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ବାଲିଆପାଳ ହନୁମାନ ମନ୍ଦିର ଆଗରେ ଶୁକ୍ରବାର ଏକ ବେଆଇନ ବାଲି ବୋଝେଇ ଡମ୍ଫରକୁ ବାଲିଆପାଳ ଅତିରିକ୍ତ ତହସିଲଦାର ଜବତ କରି ଜରିମାନା ଆଦାୟ କରିଛନ୍ତି। ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ତହସିଲ କାର୍ଯ୍ୟାଳୟକୁ ଆସୁଥିବା ସମୟରେ ସାଇ ଲକ୍ଷ୍ମୀ ନାମକ ଏକ ଡମ୍ଫରରେ ବାଲି ଯାଉଥିବା ଦେଖି ରୟାଲିଟି ପେପର ଯାଞ୍ଚ କରିବା ଅଟକାଇ ଥିଲେ। ଡ୍ରାଇଭର ରୟାଲିଟି ପେପର ଦେଇ ନ ପାରିବାରୁ ତହସିଲରେ ଅଟକ ରଖି ୫୫,୫୧୨ ଟଙ୍କାର ଜରିମାନା ଆଦାୟ କରିଛନ୍ତି।

## ସଂକ୍ଷେପରେ

### ଧୂଷୁରୀରେ ଭାଜପାର ଟିଫିନ ବୈଠକ

ଧାମନଗର, ୨୧ ।୭ (ଦେବେନ୍ଦ୍ର ଆନ୍ଦିଆ)- ଭଦ୍ରକ ଜିଲା ଧାମନଗର ବିଧାନସଭା କ୍ଷେତ୍ର ଅଧୀନ ଧୂଷୁରୀ ମଣ୍ଡଳ ଭାଜପା ପକ୍ଷରୁ ଗୁରୁବାର ଏକ ଟିଫିନ ବୈଠକ ମଣ୍ଡଳ ସଭାପତି ରାମଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଟିଫିନ ବୈଠକ ଦ୍ୱାରା କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ଆତ୍ମୀୟତା ସୃଷ୍ଟି ସହ ସମ୍ପୃକ୍ତି ବଢ଼ାଇବ ବୋଲି ପ୍ରକାଶ କରିବା ସହ ଭାଜପାକୁ ଗୋଟିଏ ବିଶାଳ ପରିବାର କହିଥିଲେ। ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ସମ୍ପାଦକ ସଦାଶିବ ପୋଥାଳ, କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ସାହୁ, ବୁଦ୍ଧଦେବ ଜେନା, ରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ଦଳ ପ୍ରତି ଘରକୁ ଯିବ ବୋଲି ମତ ରଖିଥିଲେ। ପ୍ରଦୀପ ମାଝୀ, ମନୋଜ ଦାସ, ଅଧର ପରିଡ଼ା, ଶେଷଦେବ ମିଶ୍ର, ଗୋବର୍ଦ୍ଧନ ମଲିକ, ତପନ ମଲ୍ଲିକ, ଅଭୟ ମାଝି, ଦେବାନନ୍ଦ ହୋତା, ମହିଳା ମୋର୍ଚ୍ଚା ସଭାନେତ୍ରୀ କବିତା ସାହୁ, ଯୁବମୋର୍ଚ୍ଚା ସଭାପତି ରଜନୀକାନ୍ତ ମିଶ୍ର, ଯୁବନେତା ତୁଷାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ଧନ୍ୟବାଦ ପ୍ରଦାନ କରିଥିଲେ।

### ଜିଲା ଟ୍ରକ୍‌କୁ ଲୋଡିଂ ଦେବାକୁ କୋର କମିଟିର ନିବେଦନ

କେନ୍ଦୁଝର,୨୧ ।୭(ନରେଶ ପଟ୍ଟନାୟକ): କେନ୍ଦୁଝର ଜିଲାର ଟ୍ରକ୍ ଗୁଡିକୁ ଲୋଡିଂ ଦେବାକୁ ଟ୍ରକ୍ ମାଲିକ ସଂଘର କୋର କମିଟି ଭଦ୍ରାସାହି ଟ୍ରକ ମାଲିକ ସଂଘକୁ ଚିଠି ଲେଖିଛି। ଜିଲାରେ ଟ୍ରକ୍ ମାଲିକମାନେ ଲୋଡିଂ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ୧୨ ହଜାର ଟ୍ରକ ଚଳାଚଳ କରୁଛି। ମାର୍କେଟ ଅବସ୍ଥା ଭଲ ନ ଥିବାରୁ ଟ୍ରକ୍ ମାଲିକମାନେ କାମ ନ ପାଇ ଋଣ କିସ୍ତି ଦେଇ ପାରୁନାହାନ୍ତି। ଅନ୍ୟପକ୍ଷରେ ଅନ୍ୟ ସଂଘର ଟ୍ରେଲରଗୁଡ଼ିକ ଲୋଡିଂ କରୁଥିବାରୁ ତୁରନ୍ତ ବନ୍ଦ କରି ଜିଲାର ଟ୍ରକଗୁଡ଼ିକୁ ଲୋଡିଂ ଦେବାକୁ କୋର କମିଟି ପକ୍ଷରୁ ଚିଠି ଲେଖି ନିବେଦନ କରାଯାଇଛି। ସେହିପରି ଖଣିଜପଥର ପରିବହନ ସଂସ୍ଥା ଆହୁଜା ବଙ୍କ ମୁଭର୍ସକୁ ମଧ୍ୟ ଚିଠି କରି କୋର କମିଟି ଟ୍ରେଲର ବଦଳରେ କେନ୍ଦୁଝର ଜିଲାର ଟ୍ରକ୍‌ରେ ଲୁହାପଥର ଲୋଡିଂ ସୁବିଧା ଦେବାକୁ ନିବେଦନ କରାଯାଇଛି।

### ଘର ଭାଙ୍ଗିଲେ, ଧାନ ନଷ୍ଟ କଲେ ହାତୀପଲ

ପାଟଣା,୨୧ ।୭(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ଗୁରୁବାର ରାତିରେ ୬ ଟିକିଆ ହାତୀପଲ ଉପଦ୍ରବ କରିଛନ୍ତି। କରଞ୍ଜିଆ ରେଞ୍ଜରୁ ଆସି ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନର ଶଙ୍ଖୁଆ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଗ୍ରାମର ଶ୍ରୀଧର ନାଏକ, ବାନ ମୁଣ୍ଡା ଓ ମନ୍ତ୍ରୀ ଦେହୁରୀଙ୍କ ଘର ଭାଙ୍ଗି ଦେଇଛନ୍ତି। ଏଥିସହ ହାତୀପଲ ଭୋଳପଡ଼ା ଗ୍ରାମରେ ଧାନବିଲରେ ପଶି ତଳି ନଷ୍ଟ କରିଛନ୍ତି। ହାତୀପଲ କରଞ୍ଜିଆ ରେଞ୍ଜ ଅଞ୍ଚଳକୁ ଫେରିଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନୁରୂପ ଖିରେଇଟାଙ୍ଗୀରି ସେକ୍ସନ ଖିରେଇଟାଙ୍ଗୀରିରେ ଏକ ଗୋଠ ଛଡ଼ା ଦନ୍ତା ସ୍ଥାନୀୟ ବଳଭଦ୍ର ନାଏକଙ୍କ ପାଚେରି ଭାଙ୍ଗିବା ସହ ଅଞ୍ଚଳରେ ଧାନ ତଳି ଖାଇ ନଷ୍ଟ କରିଛି।

# ସୋସିଆଲ ମିଡିଆରେ 'କଇଁଛ ତରକାରି' ଭାଇରାଲ

## ରାଜ୍ୟରେ ବନ୍ୟପ୍ରାଣୀ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଲା

ଭୁବନେଶ୍ୱର,୨୧ ।୭(ଅଭିଜିତ ଦାସ)

ସଂରକ୍ଷିତ ବନ୍ୟପ୍ରାଣୀ 'କଇଁଛ' ରାଜ୍ୟରେ ଅସୁରକ୍ଷିତ ହୋଇପଡୁଛି। ଚାଲାଣ ହେବା ସହ ଶିକାର ବଢ଼ିଚାଲିଛି। କଇଁଛକୁ ମାରି ତରକାରି କରି ଖିଆଯାଉଛି। ପୁଣି ଏହି 'କଇଁଛ ତରକାରି'ର ଭିଡିଓ କରାଯାଇ ସୋସିଆଲ ମିଡିଆରେ ଛଡ଼ାଯାଉଛି। ଭାଇରାଲ ହୋଇଥିବା ଏହି ଭିଡିଓରେ ଜୀଅନ୍ତା କଇଁଛକୁ ମାରିବା ସହ କାଟି ତରକାରି କରାଯାଉଥିବାର ଦୃଶ୍ୟ ରହିଛି। ଖୁଲମ୍‌ଖୁଲା ଭାବେ ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରାଣୀପ୍ରେମୀମାନେ ଚିନ୍ତାବ୍ୟକ୍ତ କରିବା ସହ ପ୍ରଶ୍ନ ଉଠାଇଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ଜିଲା ରମ୍ଭିଲା ସୁଧିଲାଦେଇପୁର ଅଞ୍ଚଳର ମନୋଜ ନାମକ ଜଣେ ବ୍ୟକ୍ତି ନିଜ ସୋସିଆଲ ମିଡିଆ ସାଇଟ୍ 'ଓଡିଶା ଭିଲେଜ୍ ଲାଇଭ୍ ଫୁଡ୍'ରେ ଗତ ୧୯ ତାରିଖରେ କଇଁଛରୁ ତରକାରି ତିଆରି ହେଉଥିବାର ଭିଡିଓ ପୋଷ୍ଟ କରିଥିବା ଜଣାପଡିଛି। ଉକ୍ତ ଭିଡିଓଟିରେ ବ୍ୟକ୍ତି ଜଣକ ଏକ ଦୁର୍ଲଭ ପ୍ରଜାତିର କଇଁଛକୁ ମାରି ରୋଷେଇ କରିବାର ପ୍ରଣାଳୀ ଦେଖାଉଛନ୍ତି। ଏହାକୁ ନେଇ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ଭାରତୀୟ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ଧାରାରେ ଦୁର୍ଲଭ ପ୍ରଜାତିର କଇଁଛ, ହାତୀ, ବାଘ ଓ ସାପ ଭଳି ବନ୍ୟଜନ୍ତୁଗୁଡିକ ସବ୍ ସ୍କେଲ ୧ ପ୍ରଜାତିର ଅଟନ୍ତି। ନିୟମ ଅନୁଯାୟୀ ଦୁର୍ଲଭ ପ୍ରଜାତିର କୌଣସି ବନ୍ୟଜନ୍ତୁଙ୍କୁ ଶିକାର କରିବା ତ ଦୂର କଥା, ଘରେ ମଧ୍ୟ ରଖିବା ଆଇନଗତ ଅପରାଧ। ୭ ବର୍ଷ ଜେଲଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ରହିଛି। ଶୁଭେନ୍ଦୁ ଏ ସମ୍ପର୍କରେ ବନ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଭିଡିଓ କରିଥିବା ମନୋଜ କହିଛନ୍ତି, ଏସବୁ ସମ୍ପର୍କରେ ଆମେ ଜାଣିନାହୁଁ। ଅପରପକ୍ଷେ ପୂର୍ବତନ ପିସିସିଏଫ୍ ବିଜୟ କେତନ କହିଛନ୍ତି, ସୋସିଆଲ ମିଡିଆରେ ଅନେକ ଭିଡିଓ ଭାଇରାଲ ହେଉଛି। କେତେବେଳେ ସାପ ଖେଳାଳିମାନେ ଦୁର୍ଲଭ ପ୍ରଜାତିର ସାପକୁ ନେଇ ରାସ୍ତାଘାଟରେ ଦେଖାଉଛନ୍ତି ତ ଆଉ କେତେବେଳେ ଲୋକମାନେ ମାଙ୍କଡ, ଶୁଆ ଭଳି ଜୀବଜନ୍ତୁଙ୍କୁ ନେଇ ବେଆଇନ ଭାବେ ପୋଷା ପ୍ରାଣୀ କରି ରଖୁଛନ୍ତି। ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ।






ଭାଇରାଲ ହୋଇଥିବା ଭିଡ଼ିଓ।

# ଫେରାର ମ୍ୟାନେଜର ପୁରୀରୁ ଗିରଫ

## ଅର୍ଥ ଲଗାଣକାରୀ ସଂସ୍ଥାର ୨.୮୭ ଲକ୍ଷ ଟଙ୍କା ଜବତ

ବାସୁଦେବପୁର,୨୧ ।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁରରେ କାର୍ଯ୍ୟ କରୁଥିବା ଭିକ୍ଟର ଫାଇନାନ୍ସ ନାମକ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ମ୍ୟାନେଜର କମ୍ପାନୀର ପ୍ରାୟ ୫.୨୪ ଲକ୍ଷ ଟଙ୍କା ନେଇ ଗତ ଜୁନ୍ ୧୪ରୁ ଫେରାର ଥିଲେ। ଫେରାର ମ୍ୟାନେଜର ଦେବବ୍ରତ ନାୟକଙ୍କୁ ବାସୁଦେବପୁର ପୋଲିସ ପୁରୀରୁ ଗିରଫ କରିଛି। ଦେବବ୍ରତଙ୍କ ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଧୀନ ଦଇନିଗିରି ଗ୍ରାମରେ। ପୋଲିସ ତାଙ୍କଠାରୁ କମ୍ପାନୀର ୨ ଲକ୍ଷ ୮୭ ହଜାର ୯ଶହ ଟଙ୍କା ଜବତ କରିଛି। ସେ କମ୍ପାନୀର ପ୍ରାୟ ୫.୨୪ ଲକ୍ଷ ଟଙ୍କା ଆଦାୟ କରି କମ୍ପାନୀରେ ଜମା କରି ନ ଥିଲେ। ଏ ସମ୍ପର୍କରେ କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ଶମ୍ଭୁପ୍ରସାଦ ସେଠୀ ଜୁନ୍ ୧୪ରେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ.୪୦୬/୨୩) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଜିତେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପୁରୀରୁ ଦେବବ୍ରତଙ୍କୁ ଗିରଫ କରିଥିବା ଆଇଆଇସି ସାବିତ୍ରୀ ପଣ୍ଡା କହିଛନ୍ତି।



ପୋଲିସ ଜବତ କରିଥିବା ଟଙ୍କା ଓ ଗିରଫ ଅଭିଯୁକ୍ତ।

# ସୂଚନା ଅଧିକାର ଅଧିନିୟମ ଫଳକରେ ଭୁଲ୍ ସୂଚନା




କେନ୍ଦୁଝର,୨୧ ।୭(ନରେଶ ପଟ୍ଟନାୟକ)

କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଲଗାଯାଇଥିବା ସୂଚନା ଅଧିକାର ଅଧିନିୟମ ସୂଚନା ଫଳକରେ ଭୁଲ ସୂଚନା ରହିଛି। ଫଳକରେ ବଦଳି ହୋଇଯାଇଥିବା ଡିଇଓ କପିଳେନ୍ଦ୍ର ମିଶ୍ର ଓ ଡିଇଓ ସଂଗ୍ରାମ ସାହୁଙ୍କ ନାମ ଯଥାକ୍ରମେ ଇଂରାଜୀ ଓ ଓଡ଼ିଆରେ ଲିଖିତ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଭାବରେ ଲେଖାଯାଇଛି। ଫଳରେ ଏହାକୁ ନେଇ ସୂଚନା ଅଧିକାର କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ସଂଶୋଧନ କରିବାକୁ ବର୍ତ୍ତମାନର ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଦାବି କରିଛନ୍ତି। ଅଫିସ ସମ୍ମୁଖରେ ଏହି ସୂଚନା ଲେଖା ଯାଇଥିଲେ ହେଁ ଅଧିକାରୀ ଓ ଅନ୍ୟ କର୍ମଚାରୀ ଜାଣି ପାରୁନାହାନ୍ତି ନା ଜାଣି ଅଜଣା ରହୁଛି ତାହାକୁ ନେଇ ପ୍ରଶ୍ନ କରିଛନ୍ତି।

# ବିଦ୍ୟାଳୟ ଆଗରେ ପ୍ରତୀକାତ୍ମକ ଧର୍ମଘଟ



ପୁରୀ ସରସ୍ୱତୀ ଆବାସିକ ଶିଶୁ ବିକାଶ ବିଦ୍ୟାମନ୍ଦିର ପକ୍ଷରୁ ଚାଲିଥିବା ପ୍ରତିକାତ୍ମକ ଧର୍ମଘଟ।

ବାଲେଶ୍ୱର,୨୧ ।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ସହଦେବଖୁଣ୍ଟାସ୍ଥିତ ପୁରୀ ସରସ୍ୱତୀଆବାସିକଶିଶୁବିକାଶ ବିଦ୍ୟାମନ୍ଦିର ପକ୍ଷରୁ ଶୁକ୍ରବାର ବିଦ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ଧର୍ମଘଟ ଅନୁଷ୍ଠିତ ହୋଇଛି।

ରାଜ୍ୟ ସରକାରଙ୍କର ଘରୋଇ ବିଦ୍ୟାଳୟ ପ୍ରତି ବୈମାତୃକ ମନୋଭାବ ପାଇଁ ରାଜ୍ୟ ଘରୋଇ ବିଦ୍ୟାଳୟ ମହାସଂଘ ପକ୍ଷରୁ ବିଦ୍ୟାଳୟ ବନ୍ଦ କରିବାକୁ ଆହ୍ୱାନ ଦିଆଯାଇଥିବାବେଳେ ଉକ୍ତ ଆହ୍ୱାନକୁ ସମର୍ଥନ ପୂର୍ବକ ବିଦ୍ୟାଳୟ ବନ୍ଦ ରଖି ଏକ ପ୍ରତିକାତ୍ମକ ଧର୍ମଘଟ ପ୍ରଦର୍ଶନ କରାଯାଇଥିଲା। ସରକାର ଗୁଣାତ୍ମକ ଶିକ୍ଷା କଥା କହୁଥିବାବେଳେ ସରକାରୀ ବିଦ୍ୟାଳୟରେ ଶ୍ରେଣୀ ଅନୁପାତରେ ଶିକ୍ଷକ ନାହାନ୍ତି, କିନ୍ତୁ ବେସରକାରୀ ବିଦ୍ୟାଳୟରେ ଶ୍ରେଣୀ ଅନୁପାତରେ ଶିକ୍ଷକ ରଖି ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ରାଜ୍ୟର ସମ୍ମାନ ଦୁଇ ଗୁଣିତ କରୁଥିଲେ ମଧ୍ୟ ସିଓଆର୍ ପ୍ରଦାନ ପିଲାମାନଙ୍କୁ ବିନାମୂଲ୍ୟରେ ବହି ପ୍ରଦାନ, କାର୍ଯ୍ୟରତ ଶିକ୍ଷୟତ୍ରୀଶିକ୍ଷକମାନଙ୍କୁ ଆପଦକାଳୀନ ସ୍ଥିତିରେ ସହାୟତା ପ୍ରଦାନ ଏବଂ ଜୀବନବୀମା ପ୍ରଦାନ ଆଦିରେ ଘରୋଇ ବିଦ୍ୟାଳୟ ପ୍ରତି ଅହେତୁକ ବୈମାତୃକ ମନୋଭାବ ପୋଷଣକୁ ବିରୋଧ କରି ସ୍ଲୋଗାନ ମାନ ଦିଆଯାଇଥିଲା। ଏଥିରେ ଗୁରୁମାଗୁରୁଜୀ ଗାୟତ୍ରୀ ପ୍ରହରାଜ, ଶ୍ରେଷ୍ଠା ମାଇତି, ପୂର୍ଣ୍ଣଚନ୍ଦ୍ର ଜେନା, କବିତା ମଞ୍ଜରୀ ଗୁରୁମା, ନିବେଦିତା ଗୁରୁମା, ରଞ୍ଜିତା ଗୁରୁମା, ଚନ୍ଦନ ଦାସ, ରଞ୍ଜିତା ଗୁରୁମା, ଜଗନ୍ନାଥ ଦାସ, ସସ୍ମିତା ଜେନା, ପୂଜା ବାରିକ୍, ଦିବ୍ୟରଞ୍ଜନ ଜେନା, ମାଧବେନ୍ଦ୍ରେର ପ୍ରହରାଜଙ୍କ ସହ ବିଦ୍ୟାଳୟ ପରିଚାଳନା ସମିତିର ଜିତେନ୍ଦ୍ର କୁମାର ପ୍ରହରାଜ, ଚନ୍ଦନ କୁମାର ଗିରି, ହେମନ୍ତ ମହାନ୍ତି ଉପସ୍ଥିତ ଥିଲେ।

# ଖରିଫ୍ ଧାନକିଣା ପାଇଁ ପଞ୍ଜୀକରଣ

ଭଦ୍ରକ,୨୧ ।୭(ସନାତନ ରାଉତ)

ଭଦ୍ରକ ଜିଲାରେ ୨୦୨୩-୨୪ ଖରିଫ ଧାନକିଣା ପାଇଁ ଚାଷୀ ପଞ୍ଜୀକରଣ ଗତ ୧୫ ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ଅଗଷ୍ଟ ୧୬ ପଞ୍ଜୀକରଣର ଶେଷ ତାରିଖ ରଖାଯାଇଛି। ଜିଲାରେ ୯୭ଟି ପାକ୍ସ ଓ ୫୪ ମହିଳା ଗୋଷ୍ଠୀ ଜରିଆରେ ପଞ୍ଜୀକରଣ କରାଯାଉଛି। ଚାଷୀଙ୍କ ଦ୍ୱାରା ଦାଖଲ ଫର୍ମଗୁଡ଼ିକ ଭେରିଫିକେଶନ ପରେ ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଚଳିତବର୍ଷ ସରକାରଙ୍କ ପକ୍ଷରୁ ୩ ପର୍ଯ୍ୟାୟରେ ଚାଷଜମିର ସାଟେଲାଇଟ ସର୍ବେକ୍ଷଣ କରାଯିବ। ତଳିପକା ଓ ତଳିରୁଆ ସମୟରେ ପ୍ରଥମ, ଧାନ ପାଚିବା ସମୟରେ ଦ୍ୱିତୀୟ ଓ ଅମଳ ସମୟରେ ତୃତୀୟ ସର୍ବେକ୍ଷଣ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ସୂଚନା ଦେଇଛନ୍ତି। ପଞ୍ଜୀକରଣକୁ ତ୍ରୁଟିଶୂନ୍ୟ କରିବା ପାଇଁ ପ୍ରକୃତ ଚାଷ ହୋଇଥିବା ଜମି, ନିର୍ଭୁଲ ପରିଚୟପତ୍ର, ବ୍ୟାଙ୍କ ପାଶ୍‌ବୁକ, ଜମି ରେକର୍ଡ ଦାଖଲ କରିବାକୁ କୁହାଯାଇଛି। ପ୍ରକାଶଯୋଗ୍ୟ, ଗତବର୍ଷ ଜିଲାରେ ୮୦ ହଜାର ଚାଷୀ ପଞ୍ଜୀକରଣ କରିଥିବା ବେଳେ ବହୁ ପ୍ଲଟ୍‌ର ଜାଲ ପଞ୍ଜୀକରଣ ହୋଇଥିଲା। ସର୍ବେକ୍ଷଣ କରାଯାଇ ଜାଲ ପ୍ଲଟ୍‌କୁ ରଦ୍ଦ କରିବା ପରେ ୬୦ ହଜାରକୁ ଖସି ଆସିଥିଲା। ଜିଲାର ୭ ବ୍ଲକ ଅଧୀନ ୧,୩୭୪ ଗ୍ରାମର ମୋଟ ୧୩ ଲକ୍ଷ ୩୩ ହଜାର ୪୭୩ ପ୍ଲଟରେ ଏହି ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୩ ମାସ ହେଲା ଭତ୍ତାରୁ ବଞ୍ଚିତ ବୃଦ୍ଧା

ଚମ୍ପୁଆ,୨୧ ।୭(ମହେଶ୍ୱର ଦାସ)

କାର୍ଡ ଥାଇ ମଧ୍ୟ ଭତ୍ତା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୃଦ୍ଧ ଅବସ୍ଥାରେ ୪ ମାସର ଭତ୍ତା ଟଙ୍କା ପାଇଁ ବ୍ୟାଙ୍କ, ବ୍ଲକ୍ ଦୌଡ଼ି ନୟାନ୍ତ ହେଲେଣି ଚମ୍ପୁଆ ବ୍ଲକ୍ ରଜିଆ ପଞ୍ଚାୟତର ଶୁଭ ନାୟକ। ଏଠାରେ ପ୍ରଶ୍ନ ଉଠେ ଯେ, ପୂର୍ବରୁ ଶୁଭ ଉକ୍ତ ବ୍ୟାଙ୍କରୁ ଭତ୍ତା ଉଠାଉଥିବା ବେଳେ କିପରି ଅର୍ଥ ଅନ୍ୟ ଖାତାକୁ ଗଲା। ଏହାର ତଦନ୍ତ କରାଯାଇ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇଛି।

ଅଭିଯୋଗ ଅନୁଯାୟୀ, ସେ ପ୍ରଥମେ ପଞ୍ଚାୟତରେ ଟିପମାରି ମାସିକ ଭତ୍ତା ଉଠାଉଥିଲେ। ପରେ ଭତ୍ତା ଅନ୍‌ଲାଇନ ହୋଇଯିବାରୁ ଚମ୍ପୁଆ ବ୍ୟାଙ୍କ ଅଫ ଇଣ୍ଡିଆରେ ଆକାଉଣ୍ଟ ଜରିଆରେ ପ୍ରଦାନ କରାଗଲା। ଆଧାର ଲିଙ୍କ ଭୁଲ କାରଣରୁ ଶୁଭ ଚଳିତ ବର୍ଷ ମାର୍ଚ୍ଚ, ଏପ୍ରିଲ, ମଇ ଓ ଜୁନ ମାସର ଭତ୍ତା ପାଇପାରିନାହାନ୍ତି। ଏ ନେଇ ପଞ୍ଚାୟତଠାରୁ ୬ କି.ମି. ଦୂର ବ୍ୟାଙ୍କ ଅଫ ଇଣ୍ଡିଆକୁ ଦୌଡି ନୟନ୍ତା ହେବା ସହ ବ୍ଲକ୍ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ କରିଥିଲେ। କୌଣସି ଫଳ ନ ମିଳିବାରୁ ଗୁରୁବାର ରଜିଆ ସରପଞ୍ଚ ସନ୍ତୋଷ ନାୟକଙ୍କୁ ଗୁହାରୀ କରିଥିଲେ। ସରପଞ୍ଚ ବ୍ଲକ୍ ସମାଜ ମଙ୍ଗଳ ଅଧିକାରୀ ଶିବାନୀ ମାରାଣ୍ଡିଙ୍କୁ ଯୋଗାଯୋଗ କରିବାରୁ ଆଧାର କାର୍ଡ ଭୁଲ ଯୋଗୁ ଉକ୍ତ ଅର୍ଥ ବିଶାଖା ନାଏକ ନାମକ ଜଣଙ୍କ ଖାତାକୁ ଚାଲିଯାଇଛି ବୋଲି କହିଥିଲେ। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସରପଞ୍ଚ କହିଥିଲେ। ଏଥିସହ ବହୁ ହିତାଧିକାରୀଙ୍କ ଭତ୍ତା ବ୍ୟାଙ୍କକୁ ଯାଇଥିବା ବେଳେ ଅନେକ ପୋଷ୍ଟ ଅଫିସକୁ ଯାଇଛି। ମାତ୍ର କାହାର କେଉଁଠିକି ଯାଇଛି ତାହାର ସୂଚନା ପଞ୍ଚାୟତ କାର୍ଯ୍ୟାଳୟରେ ନାହିଁ। ଫଳରେ ହିତାଧିକାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ଭତ୍ତାରୁ ବଞ୍ଚିତ ଶୁଭ ନାୟକ।

# ବିଡିଓଙ୍କୁ ଦାବିପତ୍ର ଦେଲା କଂଗ୍ରେସ

ରାଇବଣିଆ,୨୧ ।୭(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ୩୫ଟି ପଞ୍ଚାୟତରେ ଯେଉଁ ଆବାସ ତାଲିକା ପ୍ରକାଶ ପାଇଥିଲା ଏଥିରେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଅଯୋଗ୍ୟ ହିତାଧିକାରୀମାନଙ୍କୁ ସାମିଲ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ଯେଉଁମାନଙ୍କର ପକ୍କା ଘର ଅଛି ଏବଂ ଯେଉଁମାନେ ସରକାରୀ ବାବୁମାନଙ୍କୁ ଖୁସି କରିପାରୁଛନ୍ତି ସେମାନଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ସେହିଭଳି ଅନେକ ପଞ୍ଚାୟତର ଗୋଟିଏ ପରିବାରର ୨ରୁ ୩ଜଣ ସଦସ୍ୟ ଘର ହାତେଇଛନ୍ତି। ଏ ନେଇ ଜଳେଶ୍ୱର କଂଗ୍ରେସ ପକ୍ଷରୁ ପୂର୍ବରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳ ଜଳେଶ୍ୱର ବିଡିଓ ପୁନମ ରାଉତଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ଜଳେଶ୍ୱର କଂଗ୍ରେସର ଏକ ପ୍ରତିନିଧି ଦଳ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ତଦନ୍ତ ପାଇଁ ଯାଇଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଆସନ୍ତା ୧୦ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ପ୍ରତିନିଧି ଦଳରେ ରାଜୀବ ପରିଡ଼ା, ହେମନ୍ତ ଗିରି, ସୁଶାନ୍ତ ସେଠୀ, ଆଶିଷ କୁମାର ଘୋଷ, ଖଗେନ୍ଦ୍ର ଜେନା, ମଜକ କୁମାର ପରିଡ଼ା, କମଳ ଲୋଚନ ପ୍ରଧାନ, ଲକ୍ଷ୍ମୀକାନ୍ତ ଗିରି, ତ୍ରିଲୋଚନ ଦାସ ପ୍ରମୁଖ ସାମିଲ ଥିଲେ।

# ବ୍ରିଟିଶ ଅମଳର ଟାଙ୍ଗଣା ପୋଲ ଅସୁରକ୍ଷିତ

ନୀଳଗିରି, ୨୧ ।୭(ପ୍ରଶାନ୍ତ ବିଶ୍ୱାଳ)



ବାଲେଶ୍ୱର ଜିଲା ଦେଇ ଯାଇଥିବା ଶେରଗଡ଼ ନୀଳଗିରି ମୟୂରଭଞ୍ଜ (କପ୍ତିପଦା)କୁ ସଂଯୋଗ କରୁଥିବା ୧୯ ନଂ. ରାଜ୍ୟ ରାଜପଥ ଝରଣଘାଟିଠାରେ ଟାଙ୍ଗଣା ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ। ବ୍ରିଟିଶ ଅମଳରୁ ନିର୍ମିତ ହୋଇଥିବା ଏହି ପୋଲ ନୀଳଗିରିରୁ ମୟୂରଭଞ୍ଜକୁ ସଂଯୋଗ ହେବାରେ ଏକମାତ୍ର ସାହାରା ଥିଲା। ଏବେ ଏହି ପୋଲ ଜରାଜୀର୍ଣ୍ଣ ଅସୁରକ୍ଷିତ ଅବସ୍ଥାରେ ରହିଥିବା ବେଳେ ପୋଲର ତଳଭାଗ ଅବସ୍ଥା ଖରାପ ସହ କିଛି ସ୍ଥାନରେ ପାଣି ଗଳୁଛି। ପଥରରେ ନିର୍ମିତ ଖୁଣ୍ଟମାନ ଦୁର୍ବଳ ହୋଇପଡିଛି। ଉକ୍ତ ପୋଲ ଉପରେ ରାଜ୍ୟ ରାଜପଥ ବାଲେଶ୍ୱର ଜିଲାରୁ ମୟୂରଭଞ୍ଜକୁ ସଂଯୋଗ କରୁଥିବାରୁ ଏହି ରାସ୍ତାରେ ଶହ ଶହ ଭାରୀଯାନ, ଆମ୍ବୁଲାନ୍ସ, ସ୍କୁଲ ଗାଡ଼ି, ଯାତ୍ରୀବାହୀ ଯାନ ଯାତାୟାତ କରିଥାଏ। କେଉଁ ମୁହୂର୍ତ୍ତରେ ପୋଲ ଭୁଶୁଡ଼ିବା ସହ ଧନଜୀବନ ହାନି ହେବାର ଆଶଙ୍କା ଥିବାରୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବହୁବାର ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗଠାରେ ବିଭିନ୍ନ ଫର୍ମରେ ଉତ୍ଥାପନ କରିଥିଲେ। କିଛି ଫଳ ନ ହେବାରୁ ଗତ ଫେବୃୟାରୀରେ ବିଧାୟକ ଇଂ. ନାୟକ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ମନ୍ତ୍ରୀ ମଧ୍ୟ ତାଙ୍କ ଉତ୍ତରରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ କରାଇବାର ପ୍ରତିଶ୍ରୁତି ଦେଇଥିଲେ। ଉତ୍ତର ଦେବାର ଅନେକ ଦିନ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଶୂନ। ଏବେ ବର୍ଷାଋତୁ ଆରମ୍ଭ ହୋଇଗଲାଣି ଅଘଟଣ ଘଟିବା ପୂର୍ବରୁ ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି। ଅନ୍ୟପକ୍ଷରେ ପୋଲ ନିର୍ମାଣ ପାଇଁ ୨୦୧୬ ଡିସେମ୍ବର ୨୬ରେ ପୂର୍ତ୍ତ ବିଭାଗ ତରଫରୁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଠିକାଦାର ଡାଇଭର୍ଶନ ରାସ୍ତା କାର୍ଯ୍ୟ ଆରମ୍ଭ କରିଥିବା ବେଳେ କୌଣସି କାରଣରୁ କାମ ଛାଡ଼ି ପଳାଇଥିଲେ। ଗତ ୨୦୧୮ରେ ଉକ୍ତ କାର୍ଯ୍ୟର ଟେଣ୍ଡର ରଦ୍ଦ କରାଯାଇ ଉକ୍ତ ଠିକାଦାରଙ୍କୁ ବ୍ଲାକ ଲିଷ୍ଟ କରାଯାଇଥିଲା।

ଏ ନେଇ ନୀଳଗିରି ପୂର୍ତ୍ତ ବିଭାଗର ଏସ୍‌ଡିଓଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ। ପରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଲକ୍ଷଣ ସିଂଙ୍କ ପଚରାଯିବାରୁ ସେ କହିଥିଲେ, ଗତ ୫ମାସ ଭିତରେ ପୁଣି ସାନିଟେଣ୍ଡର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ସର୍ଭେ କାର୍ଯ୍ୟ ସରିଛି। ଅସୁରକ୍ଷିତ ବିଷୟକୁ ମାନିବା ସହ ଉକ୍ତ ପୋଲ ଉପରେ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ବ୍ୟାନର ଲଗାଇଛୁ ବୋଲି କହିଥିଲେ।

# ଅଗଷ୍ଟ ୧୦ ରୁ ୧୯ ସାମୂହିକ ବଟିକା ସେବନ

କେନ୍ଦୁଝର,୨୧ ।୭(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ଫାଇଲେରିଆ ରୋଗ ନିରାକରଣ ପାଇଁ ଖସଡ଼ା ପ୍ରସ୍ତୁତ ନିମନ୍ତେ ଗୁରୁବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆଭାଷୀ ମୋଡ଼ରେ ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଫାଇଲେରିଆ ନିରାକରଣ ପାଇଁ ସାମୁହିକ ବଟିକା ସେବନ କାର୍ଯ୍ୟକ୍ରମ ଅଗଷ୍ଟ ୧୦ରୁ ୧୯ ରିଖ ପର୍ଯ୍ୟନ୍ତ ଜାରି ରହିବ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର ପୃଷ୍ଟି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ଦେବେନ ଦାସ ଫାଇଲେରିଆ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଅବଗତ କରାଇଥିଲେ। ଜିଲାରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିବିଶେଷଙ୍କୁ ବଟିକା ସେବନ କରାଯିବ। ୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଏବଂ ରୋଗାକ୍ରାନ୍ତ ଲୋକ ଏହି ବଟିକା ସେବନରୁ ବିରତ ରହିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏମ, ଏନ୍‌ଏଚ୍‌ଏମ୍ ନିତ୍ୟରଞ୍ଜନ ବରାଳ, ଜିଲା ଭିବିଡି ପରାମର୍ଶଦାତା ବଳଦେବ ନନ୍ଦ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧି ଡା. ଦେବକାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ବର୍ଷ ହେଲା ମରାମତି ହୋଇନି ଗ୍ରାମ ରାସ୍ତା



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ବାଙ୍ଗିରିପୋଷି,୨୧ ।୭(ସଞ୍ଜୟ ଅଗ୍ରୱାଲ)

ଗ୍ରାମାଞ୍ଚଳରେ ଗମନାଗମନ ବ୍ୟବସ୍ଥା ସୁଦୃଢ଼ କରିବାକୁ ଚାଲିଛି ଯୋଜନା। ଖର୍ଚ୍ଚ ହେଉଛି ଅନେକ କୋଟି କୋଟି ଟଙ୍କା। ହେଲେ ସାମାନ୍ୟ ବର୍ଷାରେ ବାରି ହୋଇପଡୁଛି ବାସ୍ତବ ସ୍ଥିତି। ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଭୁଆଶୁଣୀ ପଞ୍ଚାୟତର ଆରିଆସାହି ଦେଇ ଯାଇଥିବା ଗ୍ରାମରାସ୍ତା ଏହାର ସଦ୍ୟତମ ଉଦାହରଣ। ୨୦୧୬ରୁ ୧ କି.ମି. ବିଶିଷ୍ଟ ଏହି ରାସ୍ତାର ମରାମତି ହୋଇ ପାରୁନାହିଁ। କେବଳ ନାମକୁ ମାତ୍ର ଅଳ୍ପ କିଛି ମୋରମ ପକାଇ ରାସ୍ତା କାମ ସାରିଦେଉଛନ୍ତି ଠିକାଦାର। ଚଳିତ ଲଗାଣ ବର୍ଷାରେ ରାସ୍ତାଟି ଶୋଚନୀୟ ହୋଇପଡିଛି। ଗ୍ରାମବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଠିକ୍ ଭାବରେ ରାସ୍ତାଟି ନିର୍ମାଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ରାସ୍ତା ଉପରେ ବୁଢିଖୋମାରୀ ଓ ଭୁଆଶୁଣୀ ପଞ୍ଚାୟତ ଅନ୍ତର୍ଗତ ୪ଟି ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ନିକଟରେ ପଥର ଖାଦାନ ଥିବାରୁ ବେନିୟମ ଭାବେ ପ୍ରତିଦିନ ଏହି ରାସ୍ତା ଦେଇ ଭାରିଯାନ ଚଳାଚଳ କରୁଛି। ହେଲେ ଏହାର ମରାମତି କରାଯାଉ ନାହିଁ। ଫଳରେ ସାମନ୍ୟ ବର୍ଷା ହେଲେ ରାସ୍ତାରେ ମୋରମ ପଡ଼ିଥିବା ସ୍ଥାନଟି କାଦୁଅ ପଚ ପଚ ହୋଇଯାଉଛି। ବର୍ଷା ଦିନରେ ସାଇକେଲ ମଧ୍ୟ ଯିବା କଷ୍ଟକର ହୋଇପଡୁଛି। ଏହି ରାସ୍ତାଟିକୁ ମୋରମ ପକାଇ ମରାମତି କରିବା ବଦଳରେ ପିଚୁ କିମ୍ବା କଂକ୍ରିଟ ଢଳେଇ କରିବା ପାଇଁ ଅଞ୍ଚଳାବାସୀ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଛତିଶ ନାଏକ, ସଞ୍ଜୟ ନାଏକ, ପ୍ରଫୁଲ ନାଏକ ଓ ପ୍ରତାପ ନାଏକ ପ୍ରମୁଖ ଚେତାବନୀ ଦେଇଛନ୍ତି।

